

ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ଆଜି ନାକଟିଦେଉଳ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

ନାକଟିଦେଉଳ,୧୯।୪(ଡି.ଏନ.ଏ.) ସମ୍ବଲପୁର ଲୋକସଭା କ୍ଷେତ୍ର ସହ ରେଢ଼ାଖୋଲ ବିଧାନସଭା କ୍ଷେତ୍ରରେ ଆସନ୍ତା ୨୩ ତାରିଖରେ ଭୋଟ ହେବ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୋରସୋରରେ ପ୍ରଚାର କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାକୁ ଶନିବାର ନାକଟିଦେଉଳ ବ୍ଲକକୁ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ୧୨ଟା ୫୫ରେ ନାକଟିଦେଉଳ କଲେଜ ସମ୍ମୁଖ ମିନିଷ୍ଟାଡ଼ିୟମରେ ହେଲିକପ୍ଟରରୁ ଓହ୍ଲାଇବେ। କଲେଜ ଖେଳ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ନିର୍ବାଚନୀ ସଭାରେ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନ ଏବଂ ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଉପସ୍ଥିତ ରହିବେ। ପ୍ରଚାର କାର୍ଯ୍ୟ ସାରି ମୁଖ୍ୟମନ୍ତ୍ରୀ ଏଠାରୁ ଅପରାହ୍ନ ୨ଟା ୨୦ରେ ହେଲିକପ୍ଟରରେ ଦେବଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟିଙ୍କବୀରରେ ହେବାକୁ ଥିବା ନିର୍ବାଚନୀ ସଭାକୁ ଯିବାର କାର୍ଯ୍ୟକ୍ରମ ରହିଛି।

### ଚାଷୀ ସଂଗଠନକୁ ମନାଇବାକୁ ଉଦ୍ୟମ

ସମ୍ବଲପୁର,୧୯।୪(ବ୍ୟୁରୋ) ସମ୍ବଲପୁର ଲୋକ ସଭା ଓ ଜିଲାର ୪ଟି ବିଧାନସଭା ଆସନ ପାଇଁ ଏପ୍ରିଲ ୨୩ ତାରିଖ ଭୋଟ ଗ୍ରହଣ ହେବ । ଏ ନେଇ ସବୁ ରାଜନୈତିକ ଦଳର ନେତା ଓ କର୍ମୀମାନେ ପ୍ରଚାର ଜୋରଦାର କରୁଛନ୍ତି । ହେଲେ ସବୁ ଦଳ ଜାଣିଛନ୍ତି ଯେ, ଭୋଟରମାନଙ୍କ ମଧ୍ୟରୁ ଅଧିକ ଚାଷୀ ରହିଛନ୍ତି । ପଶ୍ଚିମ ଓଡିଶା କୃଷକ ସଂଗଠନ ପକ୍ଷରୁ ନିର୍ବାଚନରେ ନୋଟାରେ ଭୋଟ ଦେବା ପାଇଁ ନିଷ୍ପତ୍ତି ହୋଇଛି। ମାର୍କେଟ୍‌ୟାର୍ଡ ଗୁଡିକରେ ଚାଷୀନେତାମାନେ ବୈଠକ କରି ସଚେତନ କରୁଛନ୍ତି। ତେଣୁ ସମସ୍ତ ରାଜନୈତିକ ଦଳ ପାଇଁ ଚାଷୀ ସଂଗଠନ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଚାଷୀ ସଂଗଠନକୁ ମନାଇବାକୁ ଦଳୀୟ ନେତାମାନେ ଚେଷ୍ଟା କରୁଛନ୍ତି। ସ୍ଥାନୀୟ ନେତାମାନଙ୍କୁ ଏହି କାମରେ ନିୟୋଜିତ କରୁଛନ୍ତି। ଚାଷୀ ସଂଗଠନକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରୁଛନ୍ତି।

■ ବିଭିନ୍ନ ସ୍ଥାନରେ ଭାଜପା ବିଜୟ ସଂକଳ୍ପ ସମାବେଶ

# ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ଥୟ

**ସମ୍ବଲପୁର, ୧୯।୪ (ବ୍ୟୁରୋ)** ଓଡିଶାରେ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ବିପୁଳ ସଂଖ୍ୟାରେ ବିଜୟୀ ହେବ। ତେଣୁ ଡବଲ ଇଞ୍ଜିନ ସରକାର ଗଠନ ହେବା ଥୟ । ଏହାକୁ ଦେଖି ରାଜ୍ୟରେ ବିଜେଡି ଭୟଭୀତ ହୋଇପଡିଛି । ଅହଙ୍କାର ପରାୟଣ ହୋଇ ଭାଜପା କର୍ମୀଙ୍କୁ ହତ୍ୟା କରାଯାଉଛି । ଜଣେ ହତ୍ୟାକାରୀ, ଭ୍ରଷ୍ଟାଚାରୀ, ଚିଟଫଣ୍ଡ, କୋଇଲା ଖଣି, ଦୁର୍ନୀତିରେ ସଂପୃକ୍ତ ସରକାରଙ୍କୁ ଓଡିଶାବାସୀ ପ୍ରତ୍ୟାଖାନ କରିବେ । ନାଗପୁର ଭୂତ କମ୍ପାନୀକୁ ଖଣି ଦେଇ ଫସି ଯାଇଛନ୍ତି ନିଜେ ଖୋଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ଓଡିଶାବାସୀ ଜାଣି ଯାଇଛନ୍ତି । ଓଡିଶାରେ ଜନସାଧାରଣ ପରିବର୍ତ୍ତନ ଚାହୁଁଛନ୍ତି । ସମ୍ବଲପୁର ଭାଜପା ଲୋକ ସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବ ଓ ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେଇ ରାଜ୍ୟରେ ଭାଜପା ଓ କେନ୍ଦ୍ରରେ ମୋଦି ସରକାର ଗଠନ ପାଇଁ ସୁଯୋଗ ଦିଅନ୍ତୁ । ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୁମୁରାଠାରେ ଆୟୋଜିତ ଭାଜପା ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ ଆହୁରି ମଧ କହିଥିଲେ ଯେ, କେନ୍ଦ୍ର ସରକାର ରାଜ୍ୟବାସୀଙ୍କୁ ପକ୍କାଘର, ବିଜୁଳି, ପାଣି, ଗ୍ୟାସ, ପାଇଖାନା ଭଳି ମୌଳିକ ସୁବିଧା ଯୋଗାଇ ଦେଇଛନ୍ତି । ରାଜ୍ୟ ସରକାର ବାଧା ଦେବାରୁ କେନ୍ଦ୍ରର ଅନେକ ଲୋକାଭିମୁଖୀ ଯୋଜନାର ଲାଭ ଓଡ଼ିଶାବାସୀ ପାଇ ପାରୁନାହାନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଥିବା ପୋଷ୍ଟମ୍ୟାନ କଥା ପୁଣି ମନ୍ତ୍ରୀ ପ୍ରଧାନ ଦୋହରାଇ ରାଜ୍ୟକୁ ସମାଲୋଚନା କରିଥିଲେ । କେନ୍ଦ୍ର ଦେଉଥିବା ଟଙ୍କାରେ ଚାଉଳ ଦିଆଯାଉଛି । ରାଜ୍ୟ ସରକାର ଲୋକମାନଙ୍କ ପାଖରେ ପହଞ୍ଚାଇବା କାମ କରୁଛନ୍ତି । ହେଲେ ଚାଉଳ ନିଜେ ଦେଉଥିବା କହି ମିଛ ପ୍ରଚାର କରୁଛନ୍ତି ରାଜ୍ୟ ସରକାର। ଓଡିଶାରେ ଭାଜପା ସରକାର ଗଠନ ହେଲେ କୃଷକମାନଙ୍କ ପାଇଁ ଜଳସେଚନ, ବଜାର ସୁବିଧା, ଶୀତଳଭଣ୍ଡାର ସୁବିଧା କରାଯିବ । ପ୍ରତ୍ୟେକ ଗ୍ରାମର ପ୍ରତି ପରିବାରକୁ ପାଇପ ଯୋଗେ ପିଇବା ପାଣି ବ୍ୟବସ୍ଥା କରାଯିବ। ଜଳସେଚନ ପାଇଁ ୧୦ ଲକ୍ଷ କୋଟି ଗ୍ରାମରେ ଭିତ୍ତିଭୂମି ବିକାଶ ପାଇଁ ୧ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ସମସ୍ତ ଶ୍ରମିକମାନଙ୍କୁ ୩ହଜାର ଟଙ୍କା ଲେଖାଏ ପେନସନ ମିଳିବ। ପିଇବା ପାଣି, ସବୁ ଜିଲାରେ ମେଡିକାଲ କଲେଜ, ଖାଲି ପଡିଥିବା ସରକାରୀ ପଦ ପୂରଣ କରାଯିବ। ପୂଜାରୀମାନଙ୍କ ପାଇଁ ମାସିକ ମାନଦଣ୍ଡ ରହିବ। ସବୁ ପରିବାରକୁ ରୋଜଗାର ଦିଆଯିବ ବୋଲି ଧର୍ମେନ୍ଦ୍ର କହିଥିଲେ । ଅନ୍ୟମାନଙ୍କ ମଧରେ ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ସୀମାଞ୍ଚଳ ଖଟେଇ, ଦାମୋଦର କର, ସବିତା ନନ୍ଦ, ରାଜାରାମ ବଡପଣ୍ଡା ପ୍ରମୁଖ ଭାଜପା ନେତା ଉପସ୍ଥିତ ଥିଲେ।

**ବାମରା,(ସ୍ୱ.ପ୍ର.):** ବାମରା ବ୍ଲକ କେଶାଇବାହାଲରେ ଶୁକ୍ରବାର ଅପରାହ୍ନରେ ମଧ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ବିରଞ୍ଚି ନାରାୟଣ ଦର୍ଶାଙ୍କ ସଭାପତିତ୍ୱରେ କେନ୍ଦ୍ରଦ୍‌ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ନବୀନ ସରକାରଙ୍କ ଉପରେ ଗର୍ଜିବା ସହିତ ମୋଦି ସରକାରଙ୍କ ବିଭିନ୍ନ ଯୋଜନା ବଖାଣି ଥିଲେ । ଏହା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟରେ ମୋଦି ସରକାର ଆସିଲେ ଭରପୂର ବିକାଶ ହେବ ବୋଲି କହିଥିଲେ। ସେହିପରି ସମ୍ମାନୀୟ ଅତିଥି ଥିବା ସମ୍ବଲପୁର ଲୋକ ସଭା ଆସନର ପ୍ରାର୍ଥୀ ନୀତେଶ ଗଙ୍ଗଦେବ ଯୋଗଦେଇ କହିଲେ ଯେ, ଓଡିଶାରେ ଭାଜପା ସରକାର ଗଢ଼ିଲେ କୁଚିଣ୍ଡାରୁ ଯଦି ରବିନାରାୟଣ ନାଏକ ଜିତନ୍ତି ତେବେ ସେ ମନ୍ତ୍ରୀ ହେବେ। ସମାବେଶରେ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରବି ନାରାୟଣ ନାଏକ, ନବରଙ୍ଗପୁର ବିଧାୟକ ପ୍ରାର୍ଥୀ ଗୌରୀଶଙ୍କର ମାଝି, ସମ୍ବଲପୁର ଜିଲା ପରିଷଦ ଉପାଧକ୍ଷା ପୁଷ୍ପାଞ୍ଜଳି ଧୁରୁଆ, ଜୋନ-୨ ସଭାପତି ସୁନୀଲ ଦାଶ, କୁଚିଣ୍ଡା ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁଶୀଲ କର, ବରିଷ୍ଠ ନେତା ଶୈଳେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ପ୍ରମୁଖ ଯୋଗ ଦେଇଥିଲେ। ସଭାରେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ, ଉଜ୍ଜ୍ୱଳା, ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ, ୧ ଟଙ୍କିଆ ଚାଉଳ, ଋଣ ଛାଡ ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ ଯୁବମୋର୍ଚ୍ଚା ସଭାପତି ଜାନୁ ନାଏକ, ଅଲେଖ କୁମାର ପତି, ମଥୁରା ବିହାରୀ କିସାନ, ଜଗତ ଜୀବନ ପଟେଲ, ହୀରା ଶର୍ମା, ସୁଶାନ୍ତ କେର୍କେଟା ପ୍ରମୁଖ ସହଯୋଗ କରିଥିଲେ।

**ପଡିଆବାହାଲ, (ଡି.ଏନ.ଏ)** ଯୁଯୁମୁରାରେ ମଧ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନୀତେଶ ଗଙ୍ଗଦେବ, ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ସୀମାଞ୍ଚଳ ଖଟେଇ, ଡା. ରାଜକିଶୋର ବଡପଣ୍ଡା, ଡା. ରାଜାରାମ ଷଡଙ୍ଗୀ, ମିତ୍ରଭାନୁ ପ୍ରଧାନ, ରାମଚନ୍ଦ୍ର ମେହେର ପ୍ରମୁଖ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଯୁଯୁମୁରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର କରୁଛନ୍ତି ।

## ଧର୍ମେନ୍ଦ୍ର କହିଲେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍କୁଟି ମିଳିବ

ଦେବଗଡ଼,୧୯।୪(ସ୍ୱ.ପ୍ର) ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ରାଜା ନିତେଶ ଗଙ୍ଗଦେବ ଓ ଦେବଗଡ଼ ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ପାଇଁ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୋଟ ପ୍ରଚାର କରିଛନ୍ତି । ବାରକୋଟ ବ୍ଲକ ଅଧୀନ ବଳମ ଗ୍ରାମ ପଡ଼ିଆରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିବା ସହ ବିକାଶର ସପ୍ନ ଦେଖାଇଥିଲେ । ରେଙ୍ଗାଳି ବହୁମୁଖୀ ନଦୀ ବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତଙ୍କ ସମସ୍ୟା ସମାଧାନ, ତାଳଚେର-ବିମଳାଗଡ ରେଳପଥ, ବାରକୋଟଠାରୁ ପାରାଦୀପ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଜଳପଥ ନିର୍ମାଣ, ବେକାରୀ ସମସ୍ୟାକୁ ଦୂର କରିବା ପ୍ରତିଶ୍ରୁତି ଦେବା ସହ ଯଦି ଭାଜପା କ୍ଷମତାକୁ ଆସେ ତା'ହେଲେ ଦେବଗଡ ଜିଲାକୁ ୧ ନମ୍ବର ଜିଲାରେ ପରିଣତ କରାଯିବ ବୋଲି କହିଥିଲେ। ସେହିପରି ମୋଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯିବ । ଯୁକ୍ତ ୨ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଟି ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସଭାପୂର୍ବରୁ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ,ଭାଜପା ଜିଲା ସଭାପତି ଅରୁଣ ସାହୁ,ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ଆଲୋକ ମିଶ୍ର,ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ,ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ,ଜିଲା ସାଧାରଣ ସମ୍ପାଦକ ଭାରତ ଭୂଷଣ ପ୍ରଧାନ,ସତ୍ୟନାରାୟଣ ପାଣି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

■ ବିଜେଡିକୁ ଭୋଟ ଦେବାକୁ ଆଶା କର୍ମୀ ପ୍ରଚାର କଲେ

## ଭାଜପା ମହିଳା ପ୍ରତିନିଧି ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ



ଶୁକ୍ରବାର ସମ୍ବଲପୁର ଭାଜପା ମହିଳା ପ୍ରତିନିଧିମାନେ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ଦେବା ପାଇଁ ଯାଉଛନ୍ତି ।

ସମ୍ବଲପୁର, ୧୯।୪ (ବ୍ୟୁରୋ) ସାଧାରଣ ନିର୍ବାଚନ ଲାଗି ସମ୍ବଲପୁର ସହରରେ ଭୋଟ ପ୍ରଚାର ଚାଲିଛି । ଭାଜପା, ବିଜେଡି, କଂଗ୍ରେସ, ବିଏସପି ସମେତ ସ୍ୱାଧୀନ ପ୍ରାର୍ଥୀମାନେ ବିଭିନ୍ନ ଢଙ୍ଗରେ ଭୋଟ ପ୍ରଚାର କରୁଛନ୍ତି । କିନ୍ତୁ ପରିତାପର ବିଷୟ ଯେ, ଆଶାକର୍ମୀମାନେ ବିଜେଡିର ପ୍ରଚାର କରୁଥିବା ଅଭିଯୋଗ ହୋଇଛି । ଶୁକ୍ରବାର ଏ ନେଇ ଭାଜପା ମହିଳା ପ୍ରତିନିଧିମାନେ ନିର୍ବାଚନ ଅଧିକାରୀ ଶୁଭମ ସକସେନାଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋବିନ୍ଦତୋଲା ଓ ଧନୁପାଲି ଅଞ୍ଚଳରେ ଆଶାକର୍ମୀମାନେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାରରେ ଲାଗିଛନ୍ତି । ଭାରତୀ ପଣ୍ଡା, ଗୀତାରାଣୀ ପଣ୍ଡା, ସଞ୍ଜଳା ଓରାମ, ଆରତୀ ଷଡଙ୍ଗୀ, ତିଲୋତ୍ତମା ପୁରୋହିତ ପ୍ରମୁଖ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ । ପୂର୍ବରୁ ମଧ ଉପଜିଲାପାଳଙ୍କୁ ଏନେଇ ଅଭିଯୋଗ କରାଯାଇଥିବା ସେମାନେ ସୂଚୀତ କରିଛନ୍ତି ।

## ପ୍ରଚାରରେ ପ୍ରକଳ୍ପ ତାଲିକା ମାଧ୍ୟମ ପାଲଟିଛି

ସମ୍ବଲପୁର,୧୯।୪(ବ୍ୟୁରୋ) ନିର୍ବାଚନ ଯେତିକି ପାଖେଇ ଆସୁଛି ପରିବେଶ ସେତିକି ସରଗରମ ହେଉଛି । ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିଭିନ୍ନ ପ୍ରକ୍ରିୟା ଅବଲମ୍ବନ କରୁଛନ୍ତି। ଯେମିତି ହେଲେ ନିର୍ବାଚନରେ ବାଜିମାତ କରିବାକୁ ପ୍ରାଣ ପଣେ ଚେଷ୍ଟା କରୁଛନ୍ତି। ବିଭିନ୍ନ ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରୁଛନ୍ତି । ହେଲେ ସମ୍ବଲପୁରରେ ଜଣେ ପ୍ରାର୍ଥୀଙ୍କ ପ୍ରଚାରକୁ ନେଇ ଅଭିଯୋଗ ହେଉଛି । ପୂର୍ତ୍ତ ବିଭାଗ ପକ୍ଷରୁ ସମ୍ବଲପୁର ଓ କୁଚିଣ୍ଡା ଡିଭିଜନ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା କରାଯାଇଛି । ସେହି ପ୍ରକଳ୍ପ ଗୁଡିକର ତାଲିକା ଧରି ସେ ପ୍ରଚାର କରୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି । ଅନ୍ୟପକ୍ଷେ ଏବେ ନିର୍ବାଚନୀ ସମୟ ଚାଲିଥିଲେ ବି ଅନଲାଇନରେ ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି। ଠିକାଦାରମାନେ ଟେଣ୍ଡର ପକାଉଛନ୍ତି। ଏହି ଟେଣ୍ଡର ବ୍ୟବସ୍ଥାରେ ରାସ୍ତା, ବ୍ରିଜ୍ ଗୁଡିକ ରହିଛି । ସମ୍ବଲପୁର ଡିଭିଜନରେ ୪୦ରୁ ଅଧିକ ପ୍ରକଳ୍ପ ଥିବା ବେଳେ କୁଚିଣ୍ଡାରେ ମଧ ୨୫ରୁ ଅଧିକ ପ୍ରକଳ୍ପ ପାଇଁ ଟେଣ୍ଡର ଡକା ଯାଇଛି । ତେବେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ କହିଛନ୍ତି ଯେ, ଟେଣ୍ଡର ପ୍ରକ୍ରିୟା କରାଯାଉଛି ସତ, ହେଲେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସମସ୍ତ କାଗଜ ପତ୍ର ପ୍ରସ୍ତୁତ ହୋଇ ସ୍ୱୀକୃତି ମିଳିଛି। ହେଲେ ଏବେ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି । ଏହା କେବଳ ଭୋଟ ହାତେଇବା ପାଇଁ ଲୋକଙ୍କୁ ଭେଳିକି ଦେଖା ଯାଉଛି । ନିର୍ବାଚନ ପରେ ଏହି କାମ ଆରମ୍ଭ ହେବାକୁ ନେଇ ଆଶଙ୍କା ମଧ ରହୁଛି। ପ୍ରକଳ୍ପ ତାଲିକା ଦେଖାଇ ସ୍ଥାନୀୟ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ପ୍ରୟାସ କରାଯାଉଛି । ଏହାକୁ ନେଇ ଅସନ୍ତୋଷ ଦେଖା ଦେଉଛି । ପ୍ରାର୍ଥୀଙ୍କୁ ପ୍ରଚାର କରିବାରେ ସହଯୋଗ ହେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି ବୋଲି ଅଭିଯୋଗ ହେଉଛି।

## ଦେବଗଡରେ କଂଗ୍ରେସର ରୋଡ୍ ଶୋ



ରୋଡ ଶୋରେ ସାମିଲ ହୋଇଥିବା ପ୍ରାର୍ଥୀ ଓ ଦଳୀୟ କର୍ମୀ।

**ଦେବଗଡ଼, ୧୯।୪ (ସ୍ୱ.ପ୍ର.)** ନିର୍ବାଚନ ମତଦାନ ପାଇଁ ଆଉ ୩ ଦିନ ବାକିଥିବାବେଳେ କଂଗ୍ରେସ ପକ୍ଷରୁ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଶରତ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଉମାଶଙ୍କର ସାହୁ ନିଜର କର୍ମୀ ତଥା ନେତାଙ୍କୁ ନେଇ ଗୁରୁବାର ସନ୍ଧ୍ୟାରେ ଦେବଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଚାଲିଚାଲି ରୋଡ ଶୋ, ନିର୍ବାଚନ ପ୍ରଚାର ଏବଂ ପଥପ୍ରାନ୍ତ ସଭା କରିଥିଲେ। ଏହି ପରିପ୍ରେକ୍ଷୀରେ ଦଳୀୟ କର୍ମୀ ଏବଂ ପ୍ରଚାର ଗାଡି ସହିତ ସ୍ଥାନୀୟ ଗୋପବନ୍ଧୁ ଛକରେ ପଥପ୍ରାନ୍ତ ସଭା କରିବା ସହ ଉଭୟ ପ୍ରାର୍ଥୀ ବିଭିନ୍ନ ୱାର୍ଡ ତଥା ସାହିର ଗଳିକନ୍ଦି ପରିକ୍ରମା କରିଥିଲେ । ଭୋଟ ଭିକ୍ଷା ସହ ଲୋକଙ୍କ ଆସ୍ଥାଭାଜନ ହେବାକୁ ପ୍ରୟାସ କରିଥିଲେ । ଉଭୟ ପ୍ରାର୍ଥୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିବା ସହ ଆଗାମୀ ନିର୍ବାଚନରେ ଦେବଗଡ ଜିଲାର ସାମଗ୍ରୀକ ବିକାଶ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ କର୍ମୀ ନେତ୍ରାନନ୍ଦ ସାମଲ, କ୍ଷିତିଶ ପ୍ରଧାନ, ଘନଶ୍ୟାମ ସାହୁ, ରାଜେଶ ବେହେରା, ଲିଟୁ ସାହୁ, ପଞ୍ଚୁ ବରାଇଙ୍କ ସମେତ ଅନ୍ୟ କର୍ମୀ ପ୍ରମୁଖ ସାମିଲ ହୋଇଥିଲେ ।





ଶୁକ୍ରବାର ସମ୍ବଲପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଡା. ଅଶ୍ୱିନୀ ପୂଜାହାରୀ ଚେରୁଆପଡା ଅଞ୍ଚଳରେ ଭୋଟ ପ୍ରଚାର କରୁଛନ୍ତି (ବାମ) । ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନସଭା ଆସନର ସ୍ୱାଧୀନ ପ୍ରାର୍ଥୀ ଜୟଲାଲ ବେହେରା ଶୁକ୍ରବାର ନାକଟିଦେଉଳ ବ୍ଲକ୍ ଅଞ୍ଚଳରେ ପ୍ରଚାର କରୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସମ୍ବଲପୁର, ଶନିବାର, ଏପ୍ରିଲ ୨୦/୨୦୧୯ Sambalpur, Saturday, April 20/ 2019




# ବିବାହ ଭୋଜିଖାଇ ୨୦୦ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ରାଜଗାଙ୍ଗପୁର, ୧୯।୪ (ଡି.ଏନ.ଏ.)**



ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ଡାକ୍ତରୀଦଳ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି।

- ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି
- ଘରୋଇ ଡ଼ାକ୍ତରଖାନା, କୁତ୍ରାରେ ମଧ୍ୟ ଚିକିତ୍ସିତ
- ଆକ୍ରାନ୍ତଙ୍କ ମଧ୍ୟରେ ୩୦ରୁ ଅଧିକ ଶିଶୁ, ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା
- ଡାକ୍ତରଖାନାରେ ସିଡ଼ିଏମ୍‌ଓ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କଲେ

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁରୁଣିଆ ଗ୍ରାମପଞ୍ଚାୟତ ଲାଠୁପଡା ଗ୍ରାମରେ ଶୁକ୍ରବାର ବିବାହ ଭୋଜିଖାଇ ୨୦୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୩୦ରୁ ଅଧିକ ଶିଶୁ ଥିବା ଜଣାଯାଇଛି। ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଜଣାପଡିଛି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଦିଲୀପ ଷଡ଼ଙ୍ଗୀ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଲାଠୁପଡା ଗ୍ରାମର ମଙ୍ଗଳ ଏକ୍କା ପୁଅର ବିବାହ ଭୋଜି ଶୁକ୍ରବାର ଆୟୋଜନ କରିଥିଲେ। ଗାଁ ଲୋକଙ୍କ ସହ ବିଭିନ୍ନ ଅଞ୍ଚଳରୁ ଲୋକେ ଓ ବନ୍ଧୁବାନ୍ଧବ ବହୁ ସଂଖ୍ୟାରେ ଆସିଥିଲେ। ପୂର୍ବାହ୍ନରେ ମଙ୍ଗଳ ଏକ୍କାଙ୍କ ଘରେ ତିଆରି କରାଯାଇଥିବା ସେଉ,ବୁନ୍ଦି ଆଦି ଜଳଖିଆ ଖାଇଥିଲେ। ସରବତ ପିଇଥିଲେ। କିଛି ସମୟ ପରେ ଛୋଟପିଲା ଓ ବୟସ୍କ ଲୋକଙ୍କ ପେଟ କାଟି ଝାଡାବାନ୍ତି ହୋଇଥିଲା। ସେମାନଙ୍କୁ ଡ଼ାକ୍ତରଖାନା ନିଆଯାଇଥିଲା। ମଧ୍ୟାହ୍ନଭୋଜନ ପରେ ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ସନ୍ଧ୍ୟା ସୁଦ୍ଧା ୨୦୦ରୁ ଅଧିକ ଆକ୍ରାନ୍ତ ହୋଇଥିଲେ। ଆକ୍ରାନ୍ତ ଲୋକଙ୍କୁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କେତେକ ଘରୋଇ ଡ଼ାକ୍ତରଖାନା ଓ କୁତ୍ରାରେ ଚିକିତ୍ସିତ ହେଉଛନ୍ତି। ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ଡାକ୍ତର ଜଗଦୀଶ ଚନ୍ଦ୍ର ଟପ୍ପୋଙ୍କ ନେତୃତ୍ୱରେ ଡାକ୍ତରୀଦଳ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। ଖାଦ୍ୟ ଅପମିଶ୍ରଣ ହୋଇଥିବାରୁ ଏପରି ହୋଇଥିବା କୁହାଯାଉଛି। ରାଜଗାଙ୍ଗପୁର ଅଞ୍ଚଳରେ ଅପମିଶ୍ରିତ ତେଲ ଓ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ନେଉ ନାହିଁ। ଫଳରେ ଅପମିଶ୍ରିତ ତେଲ ବିବାହ ଭୋଜିରେ ବ୍ୟବହାର ହୋଇଥିବାରୁ ଏପରି ହୋଇଥିବା ଅଭିଯୋଗ ହେଉଛି।

## ଫ୍ଲଡଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

# ବର୍ଷା ଯୋଗୁ ଅଧାରେ ସ୍ଥଗିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ନୂଆପଡା ଅଫିସ,୧୯।୪**

ନୂଆପଡା ପ୍ଲେ ବଏ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନିଷ୍ଟାଡିୟମରେ ଫ୍ଲଡ ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ୨୦୧୯ ଉଦ୍‌ଘାଟିତ ହୋଇଛି । ଶୁକ୍ରବାର ରାତି ସାଢେ ୮ଟାରେ ଆରମ୍ଭ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ତଥା ରାଜ୍ୟ ଭାଜପା ଉପସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ସରିତା ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ ପ୍ଲେ ବଏ ବି ନୂଆପଡା ଏବଂ ପଦ୍ମପୁର ମଧ୍ୟରେ ହୋଇଥିଲା । କିଛି ଓଭରର ଖେଳ ହେବା ପରେ ବର୍ଷା ହେବାରୁ ଏହାକୁ ସ୍ଥଗିତ କରାଯାଇଥିଲା । ଖେଳକୁ ଦେଖିବାକୁ ଶତାଧିକ ଦର୍ଶକଙ୍କ ଭିଡ ଜମିଥିଲା । ଟୁର୍ନାମେଣ୍ଟକୁ କ୍ଲବ ସଭାପତି ସୌରଭ ଜୈନ, ସମ୍ପାଦକ ଜାନୁ ମିଶ୍ର, ବିକି ନାଏକ, ସାହିଲ, ଅଭିଳାସ, ଅବିନାଶ, ଦିନେଶ, ବାବା, ଟିଙ୍କୁ, ମିଂଶୁ, ସଙ୍କେତ ପ୍ରମୁଖ ପରିଚାଳନା କରୁଛନ୍ତି ।

# ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ବଲିଉଡ ଷ୍ଟାର



ମାନେଶ୍ୱରରେ ବଲିଉଡ ଷ୍ଟାରମାନେ ବିଜେଡି ପାଇଁ ପ୍ରଚାର କରୁଛନ୍ତି ।

**ସମ୍ବଲପୁର(ବ୍ୟୁରୋ)/ ରେଙ୍ଗାଲି(ଡି.ଏନ.ଏ.),୧୯।୪–**

ଏପ୍ରିଲ ୨୩ ସମ୍ବଲପୁର ଲୋକ ସଭା ଓ ବିଧାନ ସଭା ପାଇଁ ଭୋଟ ଗ୍ରହଣ ହେବ । ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଚାର ମଧ ଜୋରଦାର ଚାଲିଛି। ଏହି ଅବସରରେ ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନୀମଣ୍ଡଳୀରେ ହିନ୍ଦୀ ସିନେମା ଜଗତ (ବଲିଉଡ)ର ତାରକା ଅମିଶା ପଟେଲ ଓ ଅବତାବ ଶିବିଦଶାନୀ ଶୁକବ୍ରାର ପ୍ରଚାର କରିଛନ୍ତି । ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ରୀନା ତନ୍ତୀ ଓ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କୁ ଭୋଟ ଦେବା ପାଇଁ ଦୁଇ ଷ୍ଟାର ଭୋଟରଙ୍କୁ ଅନୁରୋଧ କରିଛନ୍ତି । ମାନେଶ୍ୱର ଛକରେ ଉଭୟ ପ୍ରାର୍ଥୀ ଓ ତାରକାମାନଙ୍କୁ ସ୍ୱାଗତ କରାଯାଇଥିଲା। ସଭାସ୍ଥଳରେ ସେମାନେ ପ୍ରାର୍ଥୀପାଇଁ ଭୋଟ ଭିକ୍ଷା କରିଥିଲେ । ତେବେ ଏମାନଙ୍କୁ ଲୋକଙ୍କ ଭିଡି ଜମିଥିଲା । ପ୍ରଥମେ ଲୋକ ସଭା ପ୍ରାର୍ଥୀ ପ୍ରଧାନ ବ୍ୟକ୍ତବ୍ୟ ଦେଇ କେନ୍ଦ୍ର ସରକାରଙ୍କ ଅବହେଳା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଉଦ୍‌ବୋଧନ ଦେଇଥିଲେ। ପରେ ରେଙ୍ଗାଲି ପ୍ରାର୍ଥୀ ତନ୍ତୀ ମହିଳାଙ୍କ ପାଇଁ ରାଜ୍ୟ ସରକାର କରିଥିବା ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଥିଲେ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି କହିଥିଲେ ଯେ, ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଉନ୍ନତି ମୂଳକ କାମ କରୁଛନ୍ତି । ବିକାଶ କାମ ଆଗେଇ ଚାଲିଛି । ତେଣୁ ଆଉ ଥରେ ବିଜେଡିକୁ ସୁଯୋଗ ଦେଇ ବିକାଶ ଧାରାକୁ ବଜାୟ ରଖିବା ପାଇଁ ସମର୍ଥନ କରନ୍ତୁ। ଅନ୍ୟମାନଙ୍କ ମଧରେ ଯତିନ ବାରିକ, ଆର୍ତ୍ତତ୍ରାଣ ବାଗ, ସନତ ବାହାଦୁର, କୈଳାସ ମିର୍ଦ୍ଧା, କେସନ ମିର୍ଦ୍ଧା, ଶରତ ଭୋଇ, ଦୁର୍ଗାପ୍ରାସାଦ ରାଓ, ବିଜୟ ସାହୁ, ରତନ ସାହୁ, ବସନ୍ତ ବେହେରା, ଡୋଲାମଣି ବେହେରା, ସଞ୍ଜୀବ ବେହେରା, କୁନୁ ସୋହେଲା, ଫ୍ରନସିସ ଫୁଲକରନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ରାମଚନ୍ଦ୍ର ନଗରଠାରୁ ମହାବୀର ଛକ ପର୍ଯ୍ୟନ୍ତ ରୋଡ ଶୋ କରାଯାଇଥିଲା । ପରେ ରେଙ୍ଗାଲି ମହାବୀର ଛକଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଉଭୟ ଅବତାବ ଏବଂ ଅମିଷା ବିଜେଡିକୁ ଭୋଟ ଦେଇ ବିଜୟୀ କରିବା ପାଇଁ ଭୋଟରଙ୍କୁ କହିଥିଲେ । ଏହି ନିର୍ବାଚନୀ ସଭାରେ କିଶୋର ମହାନ୍ତି, ରେଙ୍ଗାଲି ବିଜେଡି ବିଧାୟକ ପ୍ରାର୍ଥିନୀ ରୀନା ତନ୍ତି, ସମ୍ବଲପୁର ଲୋକସଭା ବିଜେଡି ପ୍ରାର୍ଥୀ ଇଂ. ନଳିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରେଙ୍ଗାଲି ବ୍ଲକ ଲପଙ୍ଗାଠାରେ ମଧ ବିଜେଡିର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କିଶୋର ମହାନ୍ତି, ନବକିଶୋର ଦାସ, କିରଣ ବେହେରା, ପିଣ୍ଟୁ ବେହେରା, ବାବୁଲୁ ରାଉତଙ୍କ ସମେତ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଶନିବାର ରେଙ୍ଗାଲିଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ ଶୋ କାର୍ଯ୍ୟକ୍ରମ ରହିଛି।

# ପୋଖରୀରୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ,୧୯।୪**

ସୁନ୍ଦରଗଡ଼ ଜିଲା ବିର୍ସା ଥାନା ପୋଲିସ ବାଗଡେଗା(ବାଗଟୋଲା) ଗ୍ରାମ ପୋଖରୀରୁ ଶୁକ୍ରବାର ୨ଜଣ ନାବାଳକଙ୍କ ମୃତଦେହ ଉଦ୍ଧାର କରିଛି। ସେମାନେ ହେଲେ ସେହି ଗ୍ରାମର ଫୁଲେଶ୍ୱର ସାହୁଙ୍କ ପୁଅ ଦେବାଶିଷ ସାହୁ(୭) ଏବଂ ରାମଟହଲ ସାହୁଙ୍କ ପୁଅ ବାବଲୁ ସାହୁ(୮)। ଏନେଇ ବିର୍ସା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଦେବାଶିଷ ଏବଂ ବାବଲୁ ଗୁରୁବାର ଅପରାହ୍ନ ୪ଟାରେ ଗାଁ ଦାଣ୍ଡରେ ଖେଳୁଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଶୁକ୍ରବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା କେହି ଜଣେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ମୃତଦେହ ଚିହ୍ନଟ କରି ବିର୍ସା ଥାନାକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ନୂଆଗାଁ ଅଗ୍ନିଶମ କର୍ମଚାରୀ ପୋଖରୀରୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ବାଗଡେଗା ଗାଁରେ ଶୋକର ଛାୟା ଖେଳି ଯାଇଛି।

# ଅବକାରୀ ମୋବାଇଲ ସ୍କ୍ୱାଡ, ପୋଲିସର ମିଳିତ ଚଢ଼ାଉ: ୭ ଗିରଫ

**ଭୋଗରାଇ,୧୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବିଭିନ୍ନ ସ୍ଥାନରୁ ଶୁକ୍ରବାର ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ଓ ପୋଲିସ ଫୋର୍ସ ଅଚାନକ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୭ଜଣ ଚୋରା ମଦ ବିକ୍ରେତାଙ୍କୁ ଗିରଫ କରିଛନ୍ତି। ଏହି ଚୋରା ମଦର ଆନୁମାନିକ ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଥିବା ବେଳେ ୭ ଚୋରା ମଦ ବିକ୍ରେତାଙ୍କ ନାମରେ ଅବକାରୀ ବିଭାଗରେ ମାମଲା ରୁଜୁ ହୋଇଛି। ଭୋଗରାଇର ବିଭିନ୍ନ ସ୍ଥାନରେ ଚୋରା ଦେଶୀ ଓ ବିଦେଶୀ ମଦର ସ୍ରୋତ ଛୁଟୁଥିବାବେଳେ ବହୁ ଅସାମାଜିକ କ୍ରିୟାକଳାପ ବଢ଼ିଚାଲିଛି। ଆସନ୍ନ ନିର୍ବାଚନକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ ଏଭଳି ଚଢ଼ାଉ ବାରମ୍ବାର ହେବ ବୋଲି ସୂଚନା ଦେବା ପରେ ଚୋରା ମଦ ବିକ୍ରେତାଙ୍କ ମଧରେ କୋକୁଆଭୟ ସୃଷ୍ଟି ହୋଇଛି। ଭୋଗରାଇ ସୀମାନ୍ତ ଉଦୟପୁର ବେଳାଭୂମିରେ ଶାନ୍ତିଗୋପାଳ ଖଟୁଆ, ନିର୍ମଳ ପଟ୍ଟନାୟକ, ଚନ୍ଦନେଶ୍ୱର ବଜାରରୁ ରବୀନ୍ଦ୍ର ପ୍ରଧାନ, କୃଷ୍ଣନଗରରୁ ଜଳେନ୍ଦ୍ର ମଲ୍ଲିକ, ବର୍ଦ୍ଧନାରୁ ଲକ୍ଷ୍ମୀକାନ୍ତ ସେଠୀ, ଖଳାବାଡ଼ିଆରୁ ସନ୍ତୋଷ କୁମାର ଦାସ ଓ ରଇପୁର ଗ୍ରାମରୁ ଶାନ୍ତିଲତା ପାତ୍ରଙ୍କୁ ବେଆଇନ ମଦ କାରବାରରେ ଅବକାରୀ ବିଭାଗ ଗିରଫ କରିଛନ୍ତି। ବାଲେଶ୍ୱର ଅବକାରୀ ବିଭାଗର ଏସ୍‌ପି ରାଜେନ୍ଦ୍ର କୁମାର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଉପ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ୨୫ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୦ ଏପ୍ରିଲ ୨୦୧୯



ଯାହାର ଆଖି ନଷ୍ଟ ହୋଇଯାଇଛି, ସେ ଅନ୍ଧ ନୁହେଁ,
ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ପାଇକମାଳ, ୧୯।୪(ଡି.ଏ.ଏନ.)**

ପାଇକମାଳ ପଦ୍ମପୁର ରାସ୍ତାର ତାରିଣୀ ମନ୍ଦିର ନିକଟରେ ଅପରାହ୍ନ ୫ଟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଯୋଗୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ପଦ୍ମପୁର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ପାଇକମାଳର ସୁଶାନ୍ତ ସାହୁ ଭରସୁଜାରୁ କାମ ସାରି ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ସଂକ୍ରିରୁ ଭାହାଘର ଭୋଜି ଖାଇ କଉଁରୁ ଛତର ଓ ସୁକ୍ରୁ ମହାକୁର ବାଇକ୍‌ରେ ଯାଉଥିବାବେଳେ ତାରିଣୀ ମନ୍ଦିର ନିକଟରେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା । ଖବର ପାଇ ପାଇକମାଳ ବିଡିଓ ସଦାଶିବ ନାୟକ ଗୁରୁତର ୩ଜଣଙ୍କୁ ଉଦ୍ଧାର କରି ନିଜ ଗାଡିରେ ପାଇକମାଳ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ସ୍ଥାନାନ୍ତର କରାଯାଇଥିଲା । ପୋଲିସ ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

### ଝଡ଼ ତୋଫାନ, ପୋଲିଂ ପାର୍ଟି ହଇରାଣ

**ପଦ୍ମପୁର, ୧୯।୪ (ଡି.ଏନ.ଏ):**

ପଦ୍ମପୁର ଓ ବିଜେପୁର ନିର୍ବାଚନ ମଣ୍ଡଳୀରେ ଗୁରୁବାର ବିଭିନ୍ନ ସ୍ଥାନରେ ଝଡତୋଫାନ ବର୍ଷା ଓ କରକାପାତ ସହ ବଜ୍ରପାତ ହେବାରୁ ବିଭିନ୍ନ ବୁଥ୍‌କୁ ଯାଇଥିବା ପୋଲିଂ ପାର୍ଟି ଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଜେପୁର ନିର୍ବାଚନ ମଣ୍ଡଳୀର ଲାଉମୁଣ୍ଡା ଓ ପାଖାପାଖି ଗ୍ରାମରେ ଭୀଷଣ ବର୍ଷା, କରକାପାତ ଓ ବଜ୍ରପାତ ହେବାରୁ ଭୋଟ୍ କେନ୍ଦ୍ରଗୁଡିକ ଜଳମଗ୍ନ ହୋଇ ପଡିଥିଲା। ଫଳରେ ପୋଲିଂ ପାର୍ଟି ଅନ୍ୟ ଭୋଟ୍ କେନ୍ଦ୍ରକୁ ଯାଇ ନିଜ ସାମଗ୍ରୀ ଠିକ୍ କରିଥିଲେ । ସେହିପରି ପଦ୍ମପୁର ଆରଏମସି ପରିସରରେ ପୋଲିଂ ପାର୍ଟି ସାମଗ୍ରୀ ଫେରାଇବା ସମୟରେ ବହୁ ହଇରାଣର ସମ୍ମୁଖୀନ ହୋଇଥିଲେ । ଶୁକ୍ରବାର ସକାଳ ପର୍ଯ୍ୟନ୍ତ ସାମଗ୍ରୀ ଫେରାଇବା କାର୍ଯ୍ୟ ଚାଲିଥିଲା ।

### ପଦ୍ମପୁର ୭୮.୪୮ରେ ଓ ବିଜେପୁର ୭୮.୯୨ ପ୍ରତିଶତ ମତଦାନ

**ପଦ୍ମପୁର, ୧୯।୪ (ଡି.ଏନ.ଏ):**

ପଦ୍ମପୁର ଓ ବିଜେପୁର ନିର୍ବାଚନ ମଣ୍ଡଳୀରେ ଭୋଟଦାନ ସମାପ୍ତ ହୋଇଯାଇଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ୩୧୯ଟି ବୁଥ୍‌ରେ ୧ଲକ୍ଷ ୨୯ ହଜାର ୯୩ ପୁରୁଷ ଭୋଟରରୁ ୧ଲକ୍ଷ ୧୨ ହଜାର ୧୭ ଓ ୧ଲକ୍ଷ ୨୯ ହଜାର ୧୭୩ ମହିଳା ଭୋଟର ମଧ୍ୟରୁ ୯୯ ହଜାର ୧୪୦ ଜଣ ଭୋଟର ମତଦାନ କରିଛନ୍ତି । ମୋଟ ୨ଲକ୍ଷ ୫୫ ହଜାର ୨୮୪ ଜଣ ଭୋଟରଙ୍କ ମଧ୍ୟରୁ ୨ ଲକ୍ଷ ୩୫୭ ଜଣ ଭୋଟର ସେମାନଙ୍କ ମତଦାନ କରିଛନ୍ତି । ଏହି ନିର୍ବାଚନ ମଣ୍ଡଳୀରେ ୭୮.୪୮ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ସେହିପରି ବିଜେପୁର ନିର୍ବାଚନ ମଣ୍ଡଳୀରେ ୨୮୫ଟି ବୁଥ୍‌ରେ ୧ଲକ୍ଷ ୧୯ ହଜାର ୯୧୬ଜଣ ପୁରୁଷ ଭୋଟର ମଧ୍ୟରୁ ୯୪ ହଜାର ୬୫୨ ଜଣ ଭୋଟ ଦେଇଛନ୍ତି । ମହିଳା ଭୋଟର ୧ଲକ୍ଷ ୧୨ ହଜାର ୭୪ ମଧ୍ୟରୁ ୮୮ ହଜାର ୪୪୪ ଜଣ ଭୋଟ ଦେଇଛନ୍ତି । ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୭୮.୯୨ ପ୍ରତିଶତ ଭୋଟ ହୋଇଛି । ସେହିପରି ପଦ୍ମପୁରରେ ୧୮ ଜଣ ଓ ବିଜେପୁରରେ ୧୫ଜଣ ଅନ୍ୟାନ୍ୟ ଭୋଟର ଥିବା ବେଳେ କେହି ଭୋଟ ଦେଇ ନ ଥିବା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

# ମତଦାନ ପରେ ଅଙ୍କ କଷୁଛନ୍ତି ପ୍ରାର୍ଥୀ

**ବରଗଡ଼ ଅଫିସ୍, ୧୯।୪**

**ବରଗଡ଼ ଜିଲା**
- ସବୁ ନିର୍ବାଚନ ମଣ୍ଡଳୀରେ ମତଦାନ ହାର କମିଛି
- ଭଟଲିରେ ସର୍ବାଧିକ, ବରଗଡ଼ରେ ସର୍ବନିମ୍ନ
- ନେତାଙ୍କ ପ୍ରତି ମତଦାତାଙ୍କ ଆସ୍ଥା ତୁଟୁଛି

ବରଗଡ଼ ଜିଲାରେ ଗୁରୁବାର ମତଦାନ ସରିଛି । ମତଦାନ ପରେ ମଧ୍ୟ ନିର୍ବାଚନକୁ ନେଇ ଚର୍ଚ୍ଚା ଥମିନାହିଁ। ଗୋଟିଏ ପଟେ ଭୋଟରମାନେ କେଉଁ ପ୍ରାର୍ଥୀଙ୍କ ଜିତ୍‌ହାର ହେବ, ତାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା କରୁଥିବାବେଳେ ପ୍ରାର୍ଥୀମାନେ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହାନ୍ତି । ଦଳୀୟ ଏଜେଣ୍ଟଙ୍କଠାରୁ ଆରମ୍ଭ କରି ନେତା, ସମର୍ଥକଙ୍କୁ ନେଇ ପ୍ରାର୍ଥୀମାନେ ଅଙ୍କ କଷୁଥିବା ସାଧାରଣରେ ଆଲୋଚନା ହେଉଛି।

ବିଗତ ଦୁଇଟି ସାଧାରଣ ନିର୍ବାଚନକୁ ଅନୁଧ୍ୟାନ କଲେ ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ମତଦାନ ହାର ହ୍ରାସ ପାଇଛି । ଏଥିଯୋଗୁ ତାହା କେଉଁ ଦଳ ଉପରେ ପ୍ରଭାବ ପକାଇବ, ଆସନ୍ତା ୨୩ ତାରିଖ ଭୋଟ୍ ଗଣତି ପରେ ସ୍ପଷ୍ଟ ହେବ । ପ୍ରତି ନିର୍ବାଚନ ମଣ୍ଡଳୀରେ ଏଥର କଡ଼ା ମୁକାବିଲା ହୋଇଥିବା ସତ୍ତ୍ୱେ ମତଦାନ ହାର ହ୍ରାସ ପାଇବା ଏବେ ଆଲୋଚନାର ବିଷୟ ହୋଇଛି । ଟାଣଖରା ଯୋଗୁ ସେଭଳି ସ୍ଥିତି ଉପୁଜିଥିବା କେତେକ କହୁଥିବାବେଳେ ଇଭିଏମ ତ୍ରୁଟି ଯୋଗୁ ଅନେକ ଭୋଟର ଫେରିଯାଇ ଥିବାରୁ ସେଭଳି ହୋଇଥିବା ଲୋକେ କହୁଛନ୍ତି। ସେହିପରି ଭୋଟର କାର୍ଡ଼ ଥିବା ସତ୍ତ୍ୱେ ଅନେକ ମତଦାତାଙ୍କ ନାମ ଭୋଟର ତାଲିକାରେ ନ ଥିବା ଏବଂ ମତଦାନର ଅବ୍ୟବହିତ ପୂର୍ବରୁ ପ୍ରାକ୍ ନିର୍ବାଚନୀ ହିଂସା ଯୋଗୁ ଗତଥର ଅପେକ୍ଷା ଏଥର ମତଦାନ କମିଥିବା ସାଧାରଣରେ ମତପ୍ରକାଶ ପାଇଛି ।

ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଥର ଜିଲାରେ ହାରାହାରି ୭୭.୪୩ ପ୍ରତିଶତ ମତଦାନ ହୋଇଛି। ଜିଲାର ଭଟଲି ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୮୦.୯୭ ପ୍ରତିଶତ ମତଦାନ ହୋଇଥିବା ବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ସର୍ବନିମ୍ନ ୭୨.୦୬ ପ୍ରତିଶତ ରହିଛି । ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀରେ ୭୬.୭୩, ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୭୮.୪୮ ଏବଂ ବିଜେପୁର ନିର୍ବାଚନ ମଣ୍ଡଳୀରେ ୭୮.୯୨ ପ୍ରତିଶତ ମତଦାନ ହୋଇଛି ।

ଅନ୍ୟପଟେ ୨୦୧୪ ସାଧାରଣ ନିର୍ବାଚନରେ ୦.୭୨ ପ୍ରତିଶତ ଅଧିକ ତଥା ୭୮.୧୫ ପ୍ରତିଶତ ମତଦାନ ହୋଇଥିଲା । ସେତେବେଳେ ଅତାବିରାରେ ୭୬.୬୧, ବରଗଡ଼ରେ ୭୩.୪୯, ଭଟଲିରେ ୮୧.୨୪, ପଦ୍ମପୁରରେ ୭୯.୧୬ ଏବଂ ବିଜେପୁରରେ ୮୦.୨୯ ପ୍ରତିଶତ ମତଦାନ ହୋଇଥିଲା । ଯାହାକି ୨୦୦୯ ସାଧାରଣ ନିର୍ବାଚନ ଅପେକ୍ଷା ଯଥେଷ୍ଟ ଅଧିକ ରହିଥିଲା । ୨୦୦୯ ସାଧାରଣ ନିର୍ବାଚନରେ ଜିଲାରେ ୭୦.୬୯ ପ୍ରତିଶତ ମତଦାନ ହୋଇଥିଲା । ସେତେବେଳେ ଅତାବିରାରେ ୬୮.୮୯, ବରଗଡ଼ରେ ୬୪.୭୫, ଭଟଲିରେ ୭୪.୧୧, ପଦ୍ମପୁରରେ ୭୫.୫୧ ଏବଂ ବିଜେପୁରରେ ୭୦.୨୩ ପ୍ରତିଶତ ମତଦାନ ହୋଇଥିଲା । ତେବେ ୨୦୦୯ ତୁଳନାରେ ୨୦୧୪ରେ ମତଦାନ ହାର ବଢ଼ିଥିବାବେଳେ ୨୦୧୯ରେ ମତଦାନ ହାର କାହିଁକି କମିଲା, ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ଏ ନେଇ ରାଜନୈତିକ ସମୀକ୍ଷକ ସତ୍ୟନାରାୟଣ ପାଢ଼ୀ କୁହନ୍ତି, ରାଜନୈତିକ ଦଳ ଗୁଡ଼ିକ ପ୍ରତି ଲୋକମାନେ ବୀତସ୍ପୃହ ହେଲେଣି । କାରଣ ନିର୍ବାଚନ ସମୟରେ ମାଳମାଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ତାକୁ ପୂରଣ କରୁନାହାନ୍ତି । ତେଣୁ ରାଜନୈତିକ ଦଳଗୁଡ଼ିକ ଆତ୍ମସମୀକ୍ଷା କରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂସ୍କାର କରିବା ଉଚିତ । ଏହା କରାଗଲେ ପୁନର୍ବାର ଲୋକମାନେ ରାଜନୈତିକ ଦଳ ଓ ବ୍ୟବସ୍ଥା ଉପରେ ଆସ୍ଥା ସ୍ଥାପନ କରିବେ ଏବଂ ତଦନୁସାରେ ମତଦାନ ହାର ମଧ୍ୟ ବୃଦ୍ଧି ପାଇବ । ତେବେ ମତଦାନ ହ୍ରାସ ଯୋଗୁ କେଉଁ ଦଳକୁ କେତେ ଲାଭ କିମ୍ବା କ୍ଷତି ପହଞ୍ଚାଇବ, ତାହା ଭୋଟ ଗଣତି ପରେ ହିଁ ଜଣାପଡ଼ିବ ।



ବରଗଡ଼ ପଞ୍ଚାୟତ କଲେଜରେ କର୍ମଚାରୀମାନେ ନିର୍ବାଚନ ସାମଗ୍ରୀ ଜମା ଦେଉଛନ୍ତି ।

## ସରିଲା ନିର୍ବାଚନ, ହାରିବା ଜିତିବା ନେଇ ନେତାଙ୍କ ଗଣନା ଆରମ୍ଭ

**ବୌଦ୍ଧ, ୧୯।୪(ସ୍ୱ.ପ୍ର)**

ବୌଦ୍ଧ ଜିଲାରେ ଗୁରୁବାର କଡା ସୁରକ୍ଷା ମଧ୍ୟରେ ଭୋଟ ଗ୍ରହଣ ହୋଇଛି । ଜିଲାର ବୌଦ୍ଧ ଓ କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୬ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହୋଇଥିବା ଜଣାପଡିଛି । ମତଦାନ ସରିବା ପରେ ବର୍ତ୍ତମାନ ନେତା ଓ କର୍ମୀ ମାନେ ବିଭିନ୍ନ ବୁଥରେ ହୋଇଥିବା ମତଦାନକୁ ନେଇ ହାରିବା ଜିତିବା ଆକଳନ କରିଛନ୍ତି । ସେହିପରି କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ଲଢେଇ ହୋଇଛି । ସେଠାରେ ମଧ୍ୟ ନେତାମାନେ ନିଜ ନିଜ କର୍ମୀ ଓ ନେତାଙ୍କୁ ନେଇ ଗଣନା ଆରମ୍ଭ କରିଛନ୍ତି । ଏପେଟ ଲୋକମାନେ ମଧ୍ୟ ଏଥର ନିର୍ବାଚନରେ କିଏ ଜିତିବ ହାରିବ ସେ ନେଇ ବିଭିନ୍ନ ଚା' ଦୋକାନ ଓ ଖଟି ଗୁଡିକରେ ଚର୍ଚ୍ଚା କରୁଛନ୍ତି । ତେବେ ମତଦାନ ପରେ ୧୨ ପ୍ରାର୍ଥୀଙ୍କ ଭାଗ୍ୟ ବର୍ତ୍ତମାନ ଇଭିଏମରେ ସିଲ୍ ହୋଇଛି । ଭୋଟ ଗଣନା ପରେ ହାର୍‌ଜିତ୍ ସ୍ପଷ୍ଟ ହେବ ।

## ବୌଦ୍ଧରେ ୭୯.୯୧, କନ୍ଧମାଳରେ ୮୦.୨୦ ପ୍ରତିଶତ ମତଦାନ

**ବୌଦ୍ଧ, ୧୯।୪(ସ୍ୱ.ପ୍ର)**

ବୌଦ୍ଧ ଜିଲାରେ କନ୍ଧମାଳ ଲୋକସଭା ସମେତ ବୌଦ୍ଧ ଓ କନ୍ଧମାଳ ବିଧାନସଭା ଆସନ ପାଇଁ ଗୁରୁବାର ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି । ଜିଲାରେ ଥିବା ଦୁଇଟି ନିର୍ବାଚନ ମଣ୍ଡଳୀ ବୌଦ୍ଧ ଓ କନ୍ଧମାଳରେ ସମୁଦାୟ ଭୋଟର ସଂଖ୍ୟା ୩,୨୩.୨୩୫ ଥିବା ବେଳେ ଗୁରୁବାର ହୋଇଥିବା ମତଦାନରେ ୨, ୫୮, ୭୮୪ ଜଣ ଭୋଟର ନିଜର ମତ ସାବ୍ୟସ୍ତ କରିଛନ୍ତି । ଯାହାକି ଜିଲାରେ ମୋଟ୍ ଭୋଟ୍‌ର ୮୦ ପ୍ରତିଶତ ଅଟେ । ବୌଦ୍ଧ ବିଧାନସଭା ଆସନରେ ମୋଟ ଭୋଟର ସଂଖ୍ୟା ୧,୫୯,୬୮୮ ଥିବାବେଳେ ସେଥିମଧ୍ୟରୁ ୧,୨୭,୬୧୨ ଜଣ ମତଦାତା ନିଜର ମତ ସାବ୍ୟସ୍ତ କରିଛନ୍ତି । ସେଥିମଧ୍ୟରୁ ପୁରୁଷ ହେଲେ ୬୫,୧୦୪ ଏବଂ ମହିଳାଙ୍କ ସଂଖ୍ୟା ହେଲା ୬୨,୫୦୮ । ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୭୯.୯୧ ପ୍ରତିଶତ ମତଦାନ ହୋଇଛି । ସେହିପରି କନ୍ଧମାଳ ବିଧାନସଭା ଆସନରେ ମୋଟ ଭୋଟର ସଂଖ୍ୟା ୧,୬୩,୩୪୭ ଥିବାବେଳେ ସେଥିମଧ୍ୟରୁ ୧,୩୧,୧୭୨ ଜଣ ମତଦାତା ନିଜର ମତ ସାବ୍ୟସ୍ତ କରିଛନ୍ତି । ସେଥିମଧ୍ୟରୁ ପୁରୁଷ ହେଲେ ୬୭,୨୩୫ ଏବଂ ମହିଳାଙ୍କ ସଂଖ୍ୟା ହେଲା ୬୩,୯୩୭ । କନ୍ଧମାଳ ନିର୍ବାଚନ ମଣ୍ଡଳିରେ ୮୦.୨୦ ପ୍ରତିଶତ ମତଦାନ ହୋଇଛି । ମତଦାନ ସରିବା ପରେ ସମସ୍ତ ଇଭିଏମ୍ ଗୁଡିକ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ହଲ୍‌ରେ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି ।

## ବିନ୍ଧ୍ୟବାସିନୀଙ୍କ ଚୈତ୍ର ପୂର୍ଣ୍ଣମୀ ଯାତ୍ରା ସମ୍ପନ୍ନ

**ଭେଡ଼େନ, ୧୯।୪ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ା ସ୍ଥିତ ପର୍ଯ୍ୟଟନ କେନ୍ଦ୍ର ମାଁ ବିନ୍ଧ୍ୟବାସିନୀଙ୍କ ବାର୍ଷିକ ଚୈତ୍ର ପୂର୍ଣ୍ଣମୀ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଛି । ପରମ୍ପରାକ୍ରମେ ଏହି ଯାତ୍ରା ଦେବୀଙ୍କ ଛତ୍ର ଚାମର ତ୍ରୟୋଦଶୀ ରାତ୍ରିରେ ବାନିପାଲିର ଭୁଏ ପରିବାର ଏବଂ ଚତୁର୍ଦ୍ଦଶୀରେ ସଂକ୍ରୀଡ଼ାର ପୁରୋହିତ ଓ ବେହେରା ବଂଶରେ ପୂଜା ପାଇଥିଲେ । ପୂର୍ଣ୍ଣମୀ ଦିନ ସକାଳୁ ମୁଖ୍ୟପୂଜକ ଝାଙ୍କର ଦେବୀଙ୍କ ଛତ୍ର ଧରି ଶୋଭାଯାତ୍ରାରେ ଗାଁ ନିକଟସ୍ଥ ଦେବୀଙ୍କ ପୀଠ ଡୁଙ୍ଗୁରି ଉପରକୁ ଯାଇଥିଲେ । ସେଠାରେ ମଧ୍ୟାହ୍ନ ପର୍ଯ୍ୟନ୍ତ ସାତ୍ତ୍ୱିକ ପୂଜା, ଚଣ୍ଡୀ ପାଠ, ଶାନ୍ତି ହୋମଯଜ୍ଞ ହୋଇଥିଲା । ଅପରାହ୍ନରେ ଝାଙ୍କରଙ୍କ ନେତୃତ୍ୱରେ ତାମସିକ ପୂଜା ହୋଇ ବଳି ଦିଆଯାଇଥିଲା । ପ୍ରଥମେ ଝରାପାଲିର ବମା ବୁକା ବଳି ଦିଆଯାଇଥିଲା । ପରେ ଅନ୍ୟ ବଳି ଦିଆଯାଇଥିଲା। ଏହି ପୂଜାରେ ଉଦିତ ବେହେରା, ଶଙ୍କର ବେହେରା, ହରିବନ୍ଧୁ ପୁରୋହିତ, ଦୁର୍ଗା ପୁରୋହିତ, କୁନାଲ ପୁରୋହିତ ଏବଂ ଅନ୍ୟ ପୂଜକମାନେ ସାତ୍ତ୍ୱିକ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଉଦ୍ଧବ ଧରେଇ, ମାଧବ ଧରେଇ, ଭଗବାନ କଠାର, ଶେଷ ସା, ଗଣେଶ ରାଉତ ପ୍ରମୁଖ ଝାଙ୍କର ତାମସିକ ପୂଜା କରିଥିଲେ । ଏହାଛଡ଼ା ଏକ ବିରାଟ ଜୁଗାରକୁ ଶୋଭାଯାତ୍ରାରେ ନେଇ ଦେବୀଙ୍କ ଠାରେ ଲାଗି କରାଯାଇଥିଲା। ଏହି ଯାତ୍ରା ଦେଖିବାକୁ ପାହାଡ଼ରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଝରାପାଲି ମାରୱାଡ଼ି ଯୁବାମଞ୍ଚ, ସଂକ୍ରୀଡ଼ା ପ୍ୟାକ୍ସ, ସଂକ୍ରୀଡ଼ା ଗ୍ରାମପଞ୍ଚାୟତ, ଜ୍ୟୋତି କ୍ଲବ ଝରାପାଲି ପକ୍ଷରୁ ପାଣିଛତ୍ର, ଥଣ୍ଡା ପାନୀୟ ସରବତ ବିତରଣ, ଲାୟନ୍ସ କ୍ଲବ ପକ୍ଷରୁ ଅନ୍ନ ପ୍ରସାଦ ବିତରଣ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଭେଡ଼େନ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଯାତ୍ରାରେ ବିନ୍ଧ୍ୟବାସିନୀ ଟ୍ରଷ୍ଟବୋର୍ଡ଼ ସଭାପତି ସତ୍ୟଜିତ ପୁରୋହିତ ଏବଂ ସମସ୍ତ ସଦସ୍ୟ ତଥା ସଂକ୍ରୀଡ଼ା ତଥା ଆଖପାଖ ଗ୍ରାମର ଲୋକମାନେ ସକ୍ରୀୟ ସହଯୋଗ କରିଥିଲେ। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବିନ୍ଧ୍ୟବାସିନୀ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ଚାଲିଛି ।

## ବାସନ୍ତିକ ଦୁର୍ଗାପୂଜା ସମ୍ପନ୍ନ

**ବରଗଡ଼ ଅଫିସ୍, ୧୯।୪**

ଶୁକ୍ରବାର ଚୈତ୍ର ପୂର୍ଣ୍ଣିମା ତିଥିରେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଦେବୀଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭୋରରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା । ଚୈତ୍ର ପୂର୍ଣ୍ଣିମା ଅବସରରେ ମାଁଙ୍କୁ ୫୬ ପ୍ରକାର ମହତୀ ଭୋଗ ଅର୍ପଣ କରାଯାଇଥିବା ବେଳେ ପରେ ଭକ୍ତମାନଙ୍କୁ ତାହା ପ୍ରସାଦ ଭାବେ ଦିଆଯାଇଥିଲା । ସେହିପରି ସପ୍ତଶତୀ ଚଣ୍ଡୀପାଠ ହୋମ ସହିତ ମାଁଙ୍କ ବାସନ୍ତୀକ ପୂଜାର ପୂର୍ଣ୍ଣାହୁତି ହୋଇଥିଲା । ଭୋର୍ ୪ଟା ୨୬ମିନିଟରେ ମାଁଙ୍କ ପହଡ଼ ଭାଙ୍ଗିବା ପରେ ଦେବୀଙ୍କ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥିଲା । ପରେ ଭକ୍ତମାନଙ୍କ ଦ୍ୱାରା ମାଁଙ୍କ ଜଳାଭିଷେକ କରାଯାଇଥିଲା। ଜଳାଭିଷେକରେ ବହୁସଂଖ୍ୟକ ଭକ୍ତ ସାମିଲ ହୋଇଥିଲେ । ସେମାନେ ଗରା, ବାଲଟିରେ ପାଣି, ଦୁଧ ତଥା ପଣା ଢ଼ାଳି ପୂଣ୍ୟ ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲେ । ମାଁଙ୍କ ଏହି ଜଳାଭିଷେକ ତଥା ମହାସ୍ନାନ ପାଇଁ ମନ୍ଦିର ପରିସର ତଥା ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାରେ ଭକ୍ତଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ପଣ୍ଡିତ ଶିବ ଦାଶ ଏବଂ ବିଘ୍ନରାଜ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।



ଭକ୍ତମାନଙ୍କୁ ଛପନ ଭୋଗ ପ୍ରଦାନ କରାଯାଉଛି ।

## ବରଗଡ଼ରେ କରାମାଡ଼

**ବରଗଡ଼ ଅଫିସ୍, ୧୯।୪**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ରାତ୍ରିରେ କରାମାଡ଼ ହୋଇଛି। ଏଥିରୁ ବରଗଡ଼ ସହର ମଧ୍ୟ ବାଦ୍ ପଡ଼ିନାହିଁ । ରାତ୍ରି ପ୍ରାୟ ସାଢ଼େ ୮ଟାରୁ ୧୫/୨୦ ମିନିଟ୍ ଧରି ହୋଇଥିବା କରାମାଡ଼ରେ ଜିଲାର ବରଗଡ଼, ଭେଡ଼େନ ସମେତ ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲକ୍ଷତି ହୋଇଛି । ଧାନ ଏବେ ଗର୍ଭଣୀ ଅବସ୍ଥାରେ ଥିବା ଯୋଗୁ କରାମାଡ଼ ପ୍ରଭାବରେ ତାହା ଅଗାଡ଼ି ହୋଇଯିବା ଆଶଙ୍କା ଦେଖାଯାଇଛି। ସେହିପରି ପରିବା ଫସଲ ମଧ୍ୟ ଉଜୁଡ଼ି ଯାଇଛି । ଏହାକୁ ନେଇ ଜିଲାର ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି । ତୁରନ୍ତ ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ପାଇଁ ଚାଷୀମାନେ ଦାବି କରିଛନ୍ତି । ଅନ୍ୟପଟେ ଘୂର୍ଣ୍ଣିଝଡ଼ ସାଙ୍ଗକୁ ବର୍ଷା, କରାମାଡ଼ ହେବା ଯୋଗୁ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସରବରାହ ମଧ୍ୟ ବ୍ୟାହତ ହୋଇ ପଡ଼ିଥିଲା ।



## ସରିଲା ନିର୍ବାଚନ, ଚାଲିଛି ଆକଳନ

**ଭେଡ଼େନ, ୧୯।୪(ଡ଼ି.ଏନ.ଏ)**

ଅତାବିରା ବିଧାନସଭା ନିର୍ବାଚନ ଗୁରୁବାର ସମ୍ପନ୍ନ ହୋଇଛି । କେବଳ ଅରେଇଗୁଡ଼ି ୨୩୫ ନମ୍ବର ବୁଥ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବୁଥରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପନ୍ନ ହୋଇଛି । ବର୍ତ୍ତମାନ ପ୍ରାର୍ଥୀମାନେ ଆକଳନରେ ବ୍ୟସ୍ତ । କିଏ କେତେ ଭୋଟ ପାଇଛନ୍ତି ସେ ନେଇ ଆଲୋଚନା ଜୋର୍ ଧରିଛି । ଭୋଟ ପରେ ବିଜେଡ଼ି, କଂଗ୍ରେସ ଏବଂ ଭାଜପା ଏହି ନିର୍ବାଚନରେ ବିଜୟୀ ହେବେ ବୋଲି ଦାବି କରୁଛନ୍ତି । ଅଧିକାଂଶ ଯୁବ ଭୋଟର ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିଥିବା ଦଳର ନେତାମାନେ ଦାବି କରୁଛନ୍ତି । ସେପଟେ ଋଣ ଛାଡ଼ ଓ ଧାନର ସହାୟକ ମୂଲ୍ୟବୃଦ୍ଧି ପ୍ରତିଶ୍ରୁତି ଦେଇଥିବା କଂଗ୍ରେସ ଦଳ ଚାଷୀ ଏବଂ ନିଜର ପକେଟ ଭୋଟ ସବୁ ତାଙ୍କ ପାଖକୁ ଆସିଥିବା ସେମାନେ ଆଶା କରିଛନ୍ତି । ଅପରପକ୍ଷରେ ଚାଷୀ, ବୁଣାକାର ଭୋଟ ସହ ପ୍ରାୟ ସମସ୍ତ ମହିଳା ଭୋଟ ବିଜେଡ଼ି ଖାତାକୁ ଆସିଥିବା ଦଳ ପକ୍ଷରୁ ଦାବି କରାଯାଇଛି । ଏହି ନିର୍ବାଚନ ମଣ୍ଡଳୀର ମୋଟ ୨,୨୧,୧୨୫ ଭୋଟ ମଧ୍ୟରୁ ଶତକଡ଼ା ୭୬.୬୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ନିର୍ବାଚନି ତାତି କମିବା ସହ ଗୁରୁବାର ସନ୍ଧ୍ୟା ତଥା ଶୁକ୍ରବାର ସକାଳେ ବର୍ଷାପବନ ଫଳରେ ଦିନର ତାତି ମଧ୍ୟ କମିଛି ।

## ସରକାରୀ ଜାଗାକୁ ନେଇ ଗୋଷ୍ଠୀସଂଘର୍ଷ

**ମନମୁଣ୍ଡା, ୧୯।୪ (ଡି.ଏନ.ଏ)**

ଏକ ସରକାରୀ ଜାଗାକୁ ନେଇ ଶୁକ୍ରବାର ବୌଦ୍ଧ ଜିଲା ମନମୁଣ୍ଡାରେ ଗୋଷ୍ଠୀ ସଂଘର୍ଷ ଘଟିଛି । ଏହି ଘଟଣାରେ ଉଭୟ ପକ୍ଷର ଲୋକେ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ଘଟଣାର ତଦନ୍ତ ଚଳାଇଛି ।

ସୂଚନା ମୁତାବକ, ମନମୁଣ୍ଡା ଡାକ୍ତରଖାନା ଛକରେ ବାସୁଦେବପାଲିର ଭକ୍ତରାମ ମେହେର ସେବା ସମବାୟ ସମିତିର ଏକ ଷ୍ଟଲ ଭଡାନେଇ ଚା' ଦୋକାନ କରିଛନ୍ତି । ଉକ୍ତ ଷ୍ଟଲ କଡରେ ନଳକୂଅକୁ ଲାଗି ରହିଥିବା କିଛି ଜାଗାରେ ସେ ଟିଣ ଛାଉଣୀ କରି ଦୋକାନକୁ ବଢ଼ାଇଛନ୍ତି । ଉକ୍ତ ଜାଗାଟିକୁ ପୂର୍ବରୁ ସ୍ଥାନୀୟ ବାସିନ୍ଦା କୁଞ୍ଜବିହାରୀ ମେହେର ନିଜ ଦଖଲରେ ରଖିଥିଲେ । କୁଞ୍ଜ ସେହି ଜାଗାରେ ଦୋକାନ କରିବା ପାଇଁ ଚାହିଁଥିଲେ ଏବଂ ଉକ୍ତ ଜାଗା ଛାଡିଦେବାକୁ ଭକ୍ତରାମଙ୍କୁ କହିଆସୁଥିଲେ । କିନ୍ତୁ ସେ ଜାଗା ଛାଡୁ ନ ଥିଲେ । ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ କୁଞ୍ଜବିହାରୀ, ତାଙ୍କ ବଡପୁଅ କରୁଣାକର ଓ ଅନ୍ୟମାନେ ଭକ୍ତରାମଙ୍କ ଦୋକାନକୁ ଜୋର ଜବରଦସ୍ତି ଭଙ୍ଗାରୁଜା କରିବା ସହ ପୂର୍ବକ ତାଙ୍କ ଜିନିଷପତ୍ର ଫିଙ୍ଗା ଫୋପଡା କରିଥିଲେ । ଭକ୍ତରାମ ପ୍ରତିବାଦ କରିବାରୁ ସେମାନେ ଲୁହାଛଡ ଓ ଲୁହା ପାଇପରେ ସଂଘବଦ୍ଧ ହୋଇ ଭକ୍ତରାମ ଏବଂ ତାଙ୍କ ପୁଅ ଜୟକୃଷ୍ଣଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ । ନିଜର ସୁରକ୍ଷା ପାଇଁ ଭକ୍ତରାମ ଓ ତାଙ୍କ ପୁଅ ମଧ୍ୟ ସେମାନଙ୍କୁ ପ୍ରତି ଆକ୍ରମଣ କରିଥିଲେ । ଫଳରେ କୁଞ୍ଜବିହାରୀ, ପିଣ୍ଟୁଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ବେଳେ କୁଞ୍ଜବିହାରୀଙ୍କ ବଡପୁଅ ଏବଂ ତାଙ୍କ ସ୍ତ୍ରୀଙ୍କ ଶରୀର ମଧ୍ୟ କ୍ଷତାକ୍ତ ହୋଇଛି । ଉଭୟ ଗୋଷ୍ଠୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ଭକ୍ତରାମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୮୯/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ କୁଞ୍ଜବିହାରୀଙ୍କ ପରିବାର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାରୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପକ୍ଷରୁ କୌଣସି ଅଭିଯୋଗ ଥାନାକୁ ଆସି ନ ଥିବା ପୋଲିସ କହିଛି ।



ଗୋଷ୍ଠୀ ସଂଘର୍ଷରେ ଆହତ ଲୋକମାନେ ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### କାର୍ଯ୍ୟକ୍ଷମ ହେଉନି ନୂତନ ବସ୍‌ଷ୍ଟାଣ୍ଡ

**ଗୁଡ଼ଭେଲା,୧୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷରା ନଅଗାଁଠାରେ ନବନିର୍ମିତ ବସ୍‌ଷ୍ଟାଣ୍ଡ ଦୁଇମାସ ତଳେ ଉଦ୍‌ଘାଟିତ ହୋଇଥିଲା। ହେଲେ ଏହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ତୁଷୁରା ଏନଏସି ପକ୍ଷରୁ ସ୍ଥାପିତ ଏହି ବସ୍‌ଷ୍ଟାଣ୍ଡକୁ ଗୋଟିଏ ମଧ ଯାତ୍ରୀବାହୀ ବସ୍ ଯାଉନାହିଁ । ସହରର ମିଳନ ଛକ ତଥା ପୁରୁଣା ବସ୍‌ଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍ ପୂର୍ବ ପରି ଲାଗୁଛି। ହେଲେ ସେହି ପୁରୁଣା ବସ୍‌ଷ୍ଟାଣ୍ଡରେ ପରିସ୍ରାଗାର ପରି ଆନୁସଙ୍ଗିକ ବ୍ୟବସ୍ଥା ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିସ୍ରାଗାର ଆଖପାଖରେ ନ ଥିବାରୁ ବିଶେଷ କରି ମହିଳା ଯାତ୍ରୀମାନେ ଏକ କି.ମି ଦୂର ଶୌଚ ପାଇଁ ଯାଇଥାନ୍ତି। ଏ ନେଇ ତୁଷରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କହିଛନ୍ତି ଯେ, ନୂତନ ବସ୍‌ଷ୍ଟାଣ୍ଡରେ ସବୁ ସୁବିଧା ଅଛି। ଲୋକେ ନୂତନ ବସ୍‌ଷ୍ଟାଣ୍ଡକୁ ଗଲେ ଏହି ସବୁ ସମସ୍ୟା ରହି ନାହିଁ ବୋଲି କହିଥିଲେ।

### ଅଦିନିଆ ବର୍ଷାରେ ରବି ଫସଲ ନଷ୍ଟ

**ଲୋଇସିଂହା,୧୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ରବିଚାଷୀ କ୍ଷତିଗ୍ରସ୍ତ ହୋଇଛି। ଅଣଜଳସେଚିତ ଲୋଇସିଂହା ବ୍ଲକର କନ୍ଦାଜୁରୀ ଗ୍ରାମର ନିଳମଣୀ ମେର୍ଲି, ନରସିଂ ବେହେରା, ଲଳିତ ମେର୍ଲି, ସୁବାଷ ପଧାନ, ସୁଦାମ ପୁଟେଲ, ମେଘୁ ବେହେରା ପ୍ରମୁଖ ଚାଷୀ ରବି ଫସଲ ମୁଗ ଓ ପିଆଜ ଚାଷ କରିଥିଲେ । ବର୍ତ୍ତମାନ ଅମଳ ସମୟ ଥିଲା। ଏହି ସମୟରେ ନିୟମିତ ବ୍ୟବଧାନରେ ଅଦିନିଆ ବର୍ଷା ଓ କରାମାଡ ଚାଷୀଙ୍କ ପାଇଁ କାଳ ସାଜିଥିବା ଏମାନେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଗ୍ରାମର ଅଣଚାଷୀମାନଙ୍କୁ ମୁଗ କିଟ ପ୍ରଦାନ କରାଯାଇଥିବାରୁ ଏହି ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ତଦନ୍ତ ବେଳେ ଅଣଚାଷୀମାନେ ପ୍ରକୃତ ଚାଷୀଙ୍କ କ୍ଷେତ ଦେଖାଇବା ପରିତାପର ବିଷୟ ବୋଲି ଅଭିଯୋଗ କରିଥିଲେ । ଅଗାମୀ ଦିନରେ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି ସରକାରୀ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। କନ୍ଦାଜୁରୀ ସମେତ ବ୍ଲକର ଅନେକ ସ୍ଥାନରେ ଅଦିନିଆ ବର୍ଷାରେ ରବି ଫସଲ କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି। କୃଷି ଓ ଉଦ୍ୟାନବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସହାୟତା ଦେବାକୁ ସାଧାରଣରେ ଦାବି ହେଉଛି ।

### ବାନ୍ଧନଘୋର ଶ୍ରୀରାମ ମନ୍ଦିର ଗର୍ଭମୁଦ ଉତ୍ସବ

**ବଲାଙ୍ଗୀର ଅଫିସ, ୧୯।୪:** ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗାଁର ଶ୍ରୀରାମ ବାଟିକାଠାରେ ନବନିର୍ମିତ ଶ୍ରୀରାମ ମନ୍ଦିରର ଗର୍ଭମୁଦ ଉତ୍ସବ ଅନୁଷ୍ଠିତ ହୋଇଛି । ଭଜନ କୀର୍ତ୍ତନ, ଶଙ୍ଖ ଘଣ୍ଟ, ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ କର୍ତ୍ତା ମଳୟ ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ତ୍ରିପାଠୀଙ୍କ ଦ୍ୱାରା ଗର୍ଭମୁଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମୁଖ୍ୟ ପୂଜକ ଭାବେ ବଟକୃଷ୍ଣ ମିଶ୍ର ଦାୟିତ୍ୱ ତୁଲାଇଥିଲେ।। ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ ସହଯୋଗ କରିଥିଲେ । ଶ୍ରୀରାମ ସେବା ସମିତିର ସମସ୍ତ ସଦସ୍ୟ, ମାଗୁରବେଡା ସମ୍ପ୍ରଦା ମଣ୍ଡଳୀ, ହରିପାଲି କୀର୍ତ୍ତନ୍ୟ ଦଳ, କୁଟୁମଡୋଲା ମହିଳା ସଂକୀର୍ତ୍ତନ, ଧବଳେଶ୍ୱର ଶଙ୍ଖପାର୍ଟି ଏବଂ ବାନ୍ଧନଘୋର ମହିଳା ସତସଙ୍ଗ ଗୋଷ୍ଠୀ ଭଜନ, କୀର୍ତ୍ତନ କରି ପରିବେଶକୁ ଭଗବତ୍‌ମୟ କରିଥିଲେ ।

### ବଲାଙ୍ଗୀର ଜିଲା ସଂସ୍କୃତ ପରିଷଦର ବାର୍ଷିକ ଅଧିବେଶନ

**ବଲାଙ୍ଗୀର ଅଫିସ, ୧୯।୪:** ବଲାଙ୍ଗୀର ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଜିଲା ସଂସ୍କୃତ ପରିଷଦର ବାର୍ଷିକ ଅଧିବେଶନ ପଣ୍ଡିତ ଟୀକେଶ୍ୱର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଝଟକାନ୍ତି ପଟେଲ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବେରେ ଅଚ୍ୟୁତାନନ୍ଦ ଉଦ୍‌ଗାତା ଓ ଶିବପ୍ରସାଦ ଶତପଥୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଆସନ୍ତା ତିନିବର୍ଷ ପାଇଁ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ସଭାପତି ଭାବେ ପଣ୍ଡିତ ନାମଯଜ୍ଞ ମିଶ୍ର, ଉପସଭାପତି ଭାବେ ଅଚ୍ୟୁତାନନ୍ଦ ଉଦ୍‌ଗାତା, ସମ୍ପାଦକ ଭାବେ ଜୟରାମ ମିଶ୍ର, ସହସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଯୋଶୀ ଏବଂ ପ୍ରକାଶଚନ୍ଦ୍ର ତରିଆ, କାର୍ଯ୍ୟକାରୀ ସଭ୍ୟ ଭାବେ ଟୀକେଶ୍ୱର ଗୁରୁ, ସତ୍ୟବନ୍ତ ବେଦବାକ, ଶିବ ପ୍ରସାଦ ଶତପଥି, ଗୋପାଳଚନ୍ଦ୍ର ନାୟକ, ଝଟକାନ୍ତି ପଟେଲ ଓ ସରସ୍ୱତୀ ନନ୍ଦ ନିର୍ବାଚିତ ହୋଇଥିଲେ ।

---

ବଲାଙ୍ଗୀର ଜିଲାରେ ୭୨.୪୨ ପ୍ରତିଶତ ମତଦାନ

# ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍, ଭିଭିପିଏଟି

**ବଲାଙ୍ଗୀର ଅଫିସ, ୧୯।୪**

ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବଲାଙ୍ଗୀର ଜିଲାରେ ୭୨.୪୨ ପ୍ରତିଶତ ମତଦାନ ହୋଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଦିଆଯାଇଥିବା ସୂଚନା ମୁତାବକ ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୨.୪୨ ପ୍ରତିଶତ ମତଦାନ ହୋଇଛି। ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ବଲାଙ୍ଗୀର ଜିଲାର ୫ଟି ଓ ସୁବର୍ଣ୍ଣପୁର ଜିଲାର ୨ଟି ବିଧାନସଭା ରହିଛି । ବଲାଙ୍ଗୀର ଜିଲାରେ ଲୋଇସିଂହା (ସଂରକ୍ଷିତ), ବଲାଙ୍ଗୀର, ପାଟଣାଗଡ, ଟିଟିଲାଗଡ ଓ କଣ୍ଟାବାଞ୍ଜି ବିଧାନସଭା ରହିଛି । ବଲାଙ୍ଗୀର ଜିଲାରେ ୨୦୧୯ ନିର୍ବାଚନରେ ୧୨ ଲକ୍ଷ ୮୩ ହଜାର ୭୫୪ ଭୋଟର ରହିଥିଲେ । ଏମାନଙ୍କ ମଧ୍ୟରୁ ଜିଲାର ୭୨.୪୨ ପ୍ରତିଶତ ହାରରେ ୯ ଲକ୍ଷ ୨୬ ହଜାର ୯୩୦ ଭୋଟର ମତଦାନ କରିଛନ୍ତି । ଲୋଇସିଂହା (ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୭୬.୭୪ ପ୍ରତିଶତ ମତଦାନ ହୋଇଛି । ଏହି ନିର୍ବାଚନ ମଣ୍ଡଳୀର ୨ ଲକ୍ଷ ୩୩ ହଜାର ୭୮୦ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୭୯ ହଜାର ୪୦୨ ଭୋଟର ମତଦାନ କରିଛନ୍ତି । ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ୭୨.୫୧ ପ୍ରତିଶତ ମତଦାନ ହୋଇଛି । ଏହି ନିର୍ବାଚନ ମଣ୍ଡଳୀର ୨ ଲକ୍ଷ ୭୯ ହଜାର ୮୨୪ ଜଣ ଭୋଟରଙ୍କ ମଧ୍ୟରୁ ୨ ଲକ୍ଷ ୨ ହଜାର ୯୧୪ ଜଣ ଭୋଟର ମତଦାନ କରଛନ୍ତି । ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୨.୯୮ ପ୍ରତିଶତ ମତଦାନ ହୋଇଛି। ଏଠାରେ ୨ ଲକ୍ଷ ୩୭ ହଜାର ୧୯୭ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୭୩ ହଜାର ୧୧୬ ଜଣ ଭୋଟର ମତଦାନ କରିଛନ୍ତି । ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ୭୪.୬୮ ପ୍ରତିଶତ ମତଦାନ ହୋଇଛି । ଏଠାରେ ସମୁଦାୟ ୨ ଲକ୍ଷ ୫୩ ହଜାର ୨୧୨ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୮୯ ହଜାର ୮୭ ଜଣ ଭୋଟର ମତଦାନ କରିଛନ୍ତି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ୬୫.୨୧ ପ୍ରତିଶତ ମତଦାନ ହୋଇଛି । ଏଠାରେ ସମୁଦାୟ ୨ ଲକ୍ଷ ୭୯ ହଜାର ୭୪୧ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୮୨ ହଜାର ୪୧୧ ଜଣ ଭୋଟ୍ ଦେଇଛନ୍ତି। ଜିଲାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୭୬.୭୪ ପ୍ରତିଶତ ମତଦାନ ହୋଇଥିବାବେଳେ କଣ୍ଟାବାଞ୍ଜି ବିଧାନସଭା ଅସାନରେ ସର୍ବନିମ୍ନ ୬୫.୨୧ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ବଲାଙ୍ଗୀର ସରକାରୀ ଆଇଟିଆଇ ପରିସରରେ ଷ୍ଟ୍ରଙ୍ଗରୁମ୍‌ରେ ବଲାଙ୍ଗୀର ଓ ଲୋଇସିଂହା ବିଧାନସଭା ଆସନର ଇଭିଏମ୍, ଭିଭିପିଏଟି ରଖାଯାଇଛି । ସେହିପରି ଟିଟିଲାଗଡ ଡିଏଭି କଲେଜ ସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ ଟିଟିଲାଗଡ ଓ କଣ୍ଟାବାଞ୍ଜି ବିଧାନସଭା ଆସନର ଇଭିଏମ୍ ଓ ଭିଭିପିଏଟି ରହିଛି । ପାଟଣାଗଡ ଜବାହାରଲାଲ କଲେଜସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ ପାଟଣାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଇଭିଏମ୍ ଓ ଭିଭିପିଏଟି ରହିଛି । ଏହି ଷ୍ଟ୍ରଙ୍ଗରୁମ୍‌ଗୁଡିକର ସୁରକ୍ଷା କଡାକଡି କରାଯାଇଛି । ଆସନ୍ତା ମେ ୨୩ ତାରିଖ ଦିନ ଏହି ତିନି ଭୋଟଗଣତି କେନ୍ଦ୍ରରେ ଭୋଟଗଣତି ହେବ ।



ଉପରଝର-ରେଙ୍ଗାଲି ରାସ୍ତାରେ ଅଳ୍ପବର୍ଷାରେ ଆଣ୍ଠୁଏ ପାଣି ଜମିରହିଛି ।

## ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି

**ଦେଓଗାଁ,୧୮।୪(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ଉପରଝରରୁ ରେଙ୍ଗାଲି ଆରଡି ମୁଖ୍ୟରାସ୍ତାରେ ଅସରାଏ ବର୍ଷାହେଲେ ଆଣ୍ଠୁଏ ପାଣିଜମି କୃତ୍ରିମ ବନ୍ୟା ସଦୃଶ୍ୟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଝଡତୋଫାନ ସହ ବର୍ଷାରେ ଏହି ରାସ୍ତାରେ ପାଣି ଜମି ରହିବାରୁ ଉପରଝରରୁ ରେଙ୍ଗାଲିକୁ ଯାତାୟାତରେ ଅସୁବିଧା ଉପୁଜିଥିଲା । ୩ରୁ ୪ ବର୍ଷ ତଳେ ଆରଡି ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କାରେ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା । ହେଲେ ସେ ସମୟରେ ଠିକାଦାର ଅତି ନିମ୍ନମାନର କାର୍ଯ୍ୟ କରି ଖାଲଢ଼ିପ କରି କାମ ଅଧାରୁ ଛାଡି ଦେଇ ଚାଲିଯାଇଥିଲେ। ଗ୍ରାମବାସୀ ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ କରିବା ସହ ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶିତ ହୋଇଥିଲେ ହେଁ କୌଣସି ଅଧିକାରୀ ସମସ୍ୟା ପ୍ରତି କର୍ଣ୍ଣପାତ କରି ନ ଥିଲେ। ଫଳରେ ବର୍ତ୍ତମାନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିବା ସହ ଉପରଝର ତଥା ରେଙ୍ଗାଲି ଅଞ୍ଚଳର ଜନସାଧାରଣ ଓ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧା ଭୋଗୁଥିବା ନଜରକୁ ଆସିଛି । ଏ ଦିଗରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ଅନୁଦାନ ମିଳୁନି : ରାମ ମନ୍ଦିର କଲ୍ୟାଣ ମଣ୍ଡପ ଅଧାପନ୍ତରିଆ

**ଲୋଇସିଂହା,୧୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୁଗୁଡିଖାଲସ୍ଥିତ ରାମ ମନ୍ଦିର ପରିସରରେ ସରକାରୀ ଅନୁଦାନରେ କଲ୍ୟାଣ ମଣ୍ଡପ ନିର୍ମାଣ ଚାଲିଛି । ନିର୍ମାଣର ୪ବର୍ଷ ପରେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ମନ୍ଦିରରେ ଚାଲିଥିବା ଆଧ୍ୟାତ୍ମିକ ଓ ବାହାଘର ଆଦି କର୍ମ ବେଳେ ଲୋକ ହଟହଟା ହେଉଛନ୍ତି। ପ୍ରାପ୍ତମତେ, ରୁଗୁଡିଖାଲଠାରେ ରାମମନ୍ଦିର ଅବସ୍ଥିତ । ମନ୍ଦିରରେ ଅନେକ ସମୟରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ମନ୍ଦିର କମିଟି ପକ୍ଷରୁ ଏକ କଲ୍ୟାଣ ମଣ୍ଡପ ପାଇଁ ଦାବି ହୋଇଆସୁଥିଲା । ୨୦୧୪-୧୫ ଆର୍ଥିକ ବର୍ଷରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପର ପ୍ରାରମ୍ଭିକ କାମ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଆଗଲପୁର ପଞ୍ଚାୟତ ସମିତରୁ ମଧ୍ୟ କିଛି ଅନୁଦାନ ଆସିବା ପରେ କଲ୍ୟାଣ ମଣ୍ଡପ କାମ ଛାତ ପତନ ପର୍ଯ୍ୟନ୍ତ ହୋଇଛି । ଅନୁଦାନ ଅଭାବରୁ ୩ ବର୍ଷ ହେଲା କାମ ଆଉ ଅଗ୍ରଗତି କରି ପାରି ନ ଥିବା ମନ୍ଦିର ପରଚାଳନା ସମତି କାର୍ଯ୍ୟକର୍ତ୍ତା ଭକ୍ତବନ୍ଧୁ ନାୟକ, ଗଜେନ୍ଦ୍ର ଦଣ୍ଡସେନା କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ରୁଗୁଡିଖାଲସ୍ଥିତ ରାମ ମନ୍ଦିରର ଅଧାପନ୍ତରିଆ କଲ୍ୟାଣ ମଣ୍ଡପ।

ବଡଟିକାରେ ପାନୀୟ ଜଳ ସଙ୍କଟ

## ନଳକୂପ ଖନନରେ ଅଟକିଛି ପ୍ରକଳ୍ପ

**ଲୋଇସିଂହା,୧୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ବଡଟିକା ଗ୍ରାମରେ ପାନୀୟ ଜଳସଙ୍କଟ ଦେଖାଦେଇଛି । ଆଗକୁ ଜଳ ସଙ୍କଟ ତୀବ୍ରରୂପ ଧାରଣ କରିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ୫ୱାର୍ଡ ବିଶିଷ୍ଟ ବଡଟିକା ଗାଁର ଜନସଂଖ୍ୟା ପ୍ରାୟ ୪ହଜାର । ଗ୍ରାମରେ ଖଜୁରୀ ବନ୍ଧ ଓ ତେନ୍ତୁଳିକଟାଁ ରହିଛି । ରକ୍ଷଣାବେକ୍ଷଣ ଅଭବାରୁ ଏହାର ପାଣି ବ୍ୟବହାର ପାଇଁ ଅନୁପଯୋଗୀ ହୋଇଛି । ଗ୍ରାମରେ ୫ଟି ନଳକୂପ ରହିଛି । ତାହା ଗ୍ରାମ ମଧ୍ୟରେ ନ ଥିବାରୁ ମହିଳାଙ୍କୁ ଜଳ ସଂଗ୍ରହରେ ସମସ୍ୟା ହେଉଛି । ଜନସଂଖ୍ୟା ମୁତାବକ ନଳକୂପ ନଥିବାରୁ ଗ୍ରାମରେ ପାଣି ନିଅଣ୍ଟ ପଡୁଛି । ଗ୍ରୀଷ୍ମସମୟରେ ଜଳସ୍ତର କମି ଯାଉଥିବାରୁ ସମସ୍ୟା ଆହୁରି ସଙ୍ଗୀନ ହେଉଛି । ବୁରୋଭାଡି ରସ୍ତା ତଥା ମନ୍ଦିର ନିକଟରେ ଥିବା ନଳକୂପ ପାଣି ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏହି ନଳକୂପରେ ଫ୍ଲୋରାଇଡ ମିଶ୍ରତ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ଗ୍ରାମକୁ ପାଇପ ପାଣି ଯୋଗାଣ ପାଇଁ ସ୍ଥାନୀୟ ପୋଖରୀ ନିକଟରେ ଗଭୀର ନଳକୂପ ଖନନ ବାବଦକୁ ୩ଟି ପର୍ଯ୍ୟାୟରେ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ପ୍ରକଳ୍ପ ସ୍ଥାନରେ ଆବଶ୍ୟକ ପରିମାଣରେ ପାଣି ନ ବାହାରିବାରୁ ଯୋଜନା ପ୍ରହସନ ପାଲଟିଛି । ଗ୍ରୀଷ୍ମପ୍ରବାହ ମୁକାବିଲା ଓ ତାର ସ୍ଥାୟୀ ସମାଧାନ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଓଲଟିଲା ଯାତ୍ରୀବାହୀ ବସ୍
## ଜଣେ ମୃତ, ୬ ଆହତ

**ବଲାଙ୍ଗୀର ଅଫିସ, ୧୯।୪**

ଭୁବନେଶ୍ୱରରୁ ବଲାଙ୍ଗୀର ଅଭିମୁଖେ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ (ଓଆର୦୨ବିଏକ୍ସ-୯୦୦୧) ବଲାଙ୍ଗୀର-ସୋନପୁର ୫୭ ନମ୍ବର ରାସ୍ତାର ମଲମଣ୍ଡା ଗାଁ ନିକଟରେ ଶୁକ୍ରବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି । ବସ୍ ଓଲଟି ପଡିବା ପରେ ରାସ୍ତାକଡରେ ଥିବା ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ବସ୍‌ରେ ବସିଥିବା ଅରୁଣ ପାତ୍ର ନାମକ ଜଣେ ବ୍ୟକ୍ତି ଗାଡି ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ଘର ବଲାଙ୍ଗୀର ଜିଲା ଡୁମେରବାହାଲ ଗାଁରେ ବୋଲି ଜଣାପଡିଛି । ସେ ଜଣେ ବସ୍ ଡ୍ରାଇଭର। ଏହି ବସ୍‌ରେ ସେ ବଲାଙ୍ଗୀର ଆସୁଥିବାବେଳେ ଏଭଳି ଅଘଟଣ ଘଟିଛି। ବସରେ ଥିବା ଅନ୍ୟ ୬ ଜଣ ଯାତ୍ରୀ ଆହତ ହୋଇଥିଲେ। ପରେ ପୁଇଁନ୍ତଲା ଥାନା ପୋଲିସ ଦୁର୍ଘଟଣାସ୍ଥଳକୁ ଯାଇ ଆହତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଅଣାଯାଇ ଚିକିତ୍ସା ପରେ ଛାଡି ଦିଆଯାଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ମଲମଣ୍ଡା ଗାଁରେ ଓଲଟି ପଡିଥିବା ଯାତ୍ରୀବାହୀ ଘରୋଇ ବସ୍ ।

## ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଶୋକସଭା

**ବଲାଙ୍ଗୀର ଅଫିସ, ୧୯।୪**

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରକାଶ ମିଶ୍ରଙ୍କ ବିୟୋଗରେ ବଲାଙ୍ଗୀର ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ଏକ ଶୋକସଭା କରାଯାଇ ଗଭୀର ଶୋକପ୍ରକାଶ କରାଯାଇଛି । ବଲାଙ୍ଗୀର ଘରୋଇ ବସ୍‌ଷ୍ଟାଣ୍ଡସ୍ଥିତ ସଂଘ କାର୍ଯ୍ୟାଳୟରେ ସଭାପତି ହେମନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶୋକସଭାରେ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ସମସ୍ତ ସଭ୍ୟ ପ୍ରଶଂସା କରିଥିଲେ । ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ସେ ରାଜ୍ୟ ଘରୋଇ ବସ୍‌ମାଲିକ ସଂଘକୁ ସଂଗଠିତ କରିଥିବା ସଭ୍ୟମାନେ କହିଥିଲେ । ଏହି ସଭାରେ ସ୍ୱର୍ଗତ ମିଶଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶୋକସଭାରେ ସଂଘ ଉପସଭାପତି ସୌମେନ୍ଦ୍ର ପରିଚ୍ଛା, ସମ୍ପାଦକ ପ୍ରଶାନ୍ତ ଶତପଥୀ, କୋଷାଧ୍ୟକ୍ଷ ଶିବ ଶଙ୍କର ପଟେଲ, ସହସମ୍ପାଦକ ଲିକୁନ୍ ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ଓମପ୍ରକାଶ ଚାନ୍ଦ, ଦୁର୍ଗାଚରଣ ବେହେରା, ଆଶୁତୋଷ ମିଶ୍ର, ଅକ୍ଷୟ କଣ୍ଟା, ମାନସ ରଞ୍ଜନ ନାୟକ, ସୁମନ୍ତ ଭୋଇ, ସୁନିଲ ମିଶ୍ର, ସଞ୍ଜୀବ ପଣ୍ଡା, ହିମାଂଶୁ ନାୟକ, ପ୍ରାଣନାଥ ପ୍ରଧାନ, ମୁନା ଶତପଥି, ମନୋଜ ଗୁରୁ, ସରୋଜ ଗୁରୁ, ଭବାନୀ ପଟେଲ, ଡମ୍ବରୁ ଆଚାର୍ଯ୍ୟଙ୍କ ସହ ବହୁ ସଭ୍ୟ ଉପସ୍ଥିତ ଥିଲେ ।

## କାନ୍ଦୁଲବୁଢ଼ା ଯାତ୍ରା ସମ୍ପନ୍ନ

**ଦେଓଗାଁ,୧୮।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡାରେ ଗୁରୁବାର ସନ୍ଧ୍ୟାରେ ଚୈତ୍ରପୂର୍ଣ୍ଣିମା କାନ୍ଦୁଲବୁଢ଼ା ଯାତ୍ରା ସମ୍ପନ୍ନ ହୋଇଛି । ବନ୍ଧପଡା ନିକଟସ୍ଥ କାନ୍ଦୁଲବୁଢ଼ା ଖଲାରେ ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଥିବା ବେଳେ ବୁଧବାର ମୁଖ୍ୟଯାତ୍ରା ଅନୁଷ୍ଠିତ ହୋଇଥିଲା । ଗୁରୁବାର ଦିନତମାମ ଯାତ୍ରା ଅନୁଷ୍ଠିତ ହେବା ସହ ଛେଦ ଅର୍ଥାତ ପଶୁପକ୍ଷୀ ବଳି ପ୍ରଦାନ କାର୍ଯ୍ୟକ୍ରମ ପରେ ଯାତ୍ରା ସମ୍ପନ୍ନ ହୋଇଥିଲା । ଏହିଯାତ୍ରାରେ ଆଖପାଖ ଗାଁର ଶତାଧିକ ଶ୍ରଦ୍ଧାଳୁଭକ୍ତଙ୍କ ଜନସମାଗମ ହୋଇଥିଲା। ବହୁପୁରାତନ କାଳରୁ କାନ୍ଦୁଲବୁଢ଼ାଙ୍କ ପ୍ରତି ଲୋକଙ୍କ ଆସ୍ଥା ରହିଥିବାରୁ ଶ୍ରଦ୍ଧାଳୁ ଓ ମାନସିକଦାରୀ ବ୍ୟକ୍ତି ଦେବତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ । ଯାତ୍ରାର ସଫଳ ସମାପନରେ ସ୍ଥାନୀୟ କାନ୍ଦୁଲବୁଢ଼ା ଯାତ୍ରା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।



ଯାତ୍ରାର ଶେଷ ଦିନରେ କାନ୍ଦୁଲବୁଢ଼ା ଦେବତା ଓ ତାଙ୍କ ଛତରକୁ ପୂଜାର୍ଚ୍ଚନା କରାଯାଉଛି ।



କରକାପାତରେ ରାସ୍ତାରେ ଜମା ହୋଇ ରହିଛି ।

## ବଲାଙ୍ଗୀରରେ ପ୍ରବଳ ବର୍ଷା, କରକାପାତ

**ବଲାଙ୍ଗୀର ଅଫିସ, ୧୯।୪**

ବଲାଙ୍ଗୀର ସହରରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ପ୍ରବଳ ବର୍ଷା ସହ କରକାପାତ ହୋଇଛି । ଏଭଳି ଆକସ୍ମିକ ବର୍ଷା ଓ କରକାପାତ ପରେ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ପ୍ରାୟ ଅଧଘଣ୍ଟା ଧରି ଏଭଳି କରକାମାଡ ଯୋଗୁଁ ଲୋକେ ଯିଏ ଯେଉଁଠି ଅଟକି ରହିଥିଲେ । କରକାପାତରେ କ୍ଷୟକ୍ଷତି କ'ଣ ହୋଇଛି ତାହା ଜଣାପଡିନାହିଁ ।

# ଝଡ଼ତୋଫାନ, କରାମାଡ଼ରେ ଫସଲ ନଷ୍ଟ

**ଦେଓଗାଁ,୧୮।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଅଦିନିଆ ଝଡତୋଫାନ ଓ କରାମାଡରେ ଚାଷୀଙ୍କ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ବିଶେଷ କରି ମହଲାଇ ପଞ୍ଚାୟତର ମହଲାଇ ଓ କୁକୁରଖାଇ ଗ୍ରାମରେ ୩୦ଏକର ଧାନ ଓ ୧୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ପନିପରିବା ଫସଲ ନଷ୍ଟ ହୋଇଯାଇଛି । ମହଲାଇ ଗ୍ରାମର ଚାଷୀ ପ୍ରମୋଦ କୁମାର ମେହେର ୩ଏକରର ରବିଧାନ ଧାନ ଚାଷ ନଷ୍ଟ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଦେବେନ୍ଦ୍ର ସାହୁଙ୍କ ୮ଏକର, ପୁଷ୍ପମିତ୍ର ଦିଶ୍ରି, ଲବ ସାହୁ, ରସିକ ନାଗ, ଗଜିନ୍ଦ୍ର ବିଶ୍ୱାଳ, ନିଧି ବିଶ୍ୱାଳ, ଦୁଃଶାସନ ପରୁଆ ପ୍ରମୁଖ ଚାଷୀଙ୍କ ଧାନ ଚାଷ ସହ କୋବି, ବାଇଗଣ, ଭେଣ୍ଡି ଆଦି ଚାଷ ନଷ୍ଟ ହୋଇଛି। ସେହିପରି ଉଫରଝରର ଫଟାମୁଣ୍ଡା ଗାଁର ନକୁଳ ରାଏ ଓ ଆକୁଳ ରାଏଙ୍କ ଧାନଚାଷ ନଷ୍ଟ ହୋଇଛି। ଦେଷଣ୍ଡ ପଞ୍ଚାୟତ ଭାଲୁକୁନ୍ଦ ଗ୍ରାମର ଚାଷୀ ସୁରେନ୍ଦ୍ର ସାଏଙ୍କ ବାଇଗଣ ଓ ତରଭୂଜ ଚାଷ ନଷ୍ଟ ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ବନ୍ଧପଡା, ସିଂହାମୁଣ୍ଡ, ଦେଷଣ୍ଡ ପଞ୍ଚାୟତରେ ମଧ ବ୍ୟାପକ ଧାନଚାଷ ଓ ପନିପରିବା ନଷ୍ଟ ହୋଇଥିବା ଜଣାପଡିଛି । ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ସରକାରୀ ସହାୟତା ବ୍ୟବସ୍ଥା କରିବା ପାଇଁ ଚାଷୀ ମହଲରେ ଦାବି ହେଉଛି ।



ମହଲାଇରେ ଅଦିନିଆ ଝଡତୋଫାନ ଓ କରାମାଡରେ ନଷ୍ଟ ହୋଇଯାଇଥିବା ଧାନଚାଷକୁ ଚାଷୀମାନେ ଦେଖାଉଛନ୍ତି ।

ଦେଓଗାଁ ବ୍ଲକ



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ହେମଗିରରେ ସର୍ବାଧିକ ମତଦାନ ୭୮.୦୭ ପ୍ରତିଶତ

ହେମଗିର, ୧୯।୪ (ଡି.ଏନ.ଏ.)- ସୁନ୍ଦରଗଡ ଜିଲାର ଅନ୍ୟତମ ବୃହତ୍ତମ ବ୍ଲକ ହେଉଛି ହେମଗିର। ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଭିତରେ ଓଡିଶା ଛତିଶଗଡର ସୀମାନ୍ତରେ ରହିଛି। ଏହି ବ୍ଲକ ଅଧିନରେ ରହିଛି ୧୯ ପଞ୍ଚାୟତ ଓ ପ୍ରାୟ ୧୩୮ ଗ୍ରାମ । ଗୁରୁବାର ଏହି ବ୍ଲକରେ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏଠାକାର ମୋଟ ଭୋଟର ସଂଖ୍ୟା ହେଉଛି ୬୩ ୭୩୦। ଏଥିର ନିର୍ବାଚନରେ ୮୬ଟି ଭୋଟଗ୍ରହଣ କେନ୍ଦ୍ର ରହିଥିଲା। ମୋଟ ଭୋଟରଙ୍କ ମଧ୍ୟରୁ ସମଗ୍ର ବ୍ଲକରେ ୪୯,୭୫୫ ଜଣ ଭୋଟ ଦେଇଛନ୍ତି । ସେଥି ମଧ୍ୟରୁ ୨୫,୨୫୯ ଜଣ ପୁରୁଷ ଭୋଟର ଥିବାବେଳେ ୨୪,୪୯୬ ଜଣ ମହିଳା ଭୋଟର ଭୋଟ ଦେଇଥିଲେ । ପ୍ରଚଣ୍ଡ ଖରା ତାତିକୁ ଲୋକେ ଖାତିର ନକରି ସର୍ବାଧିକ ୭୮.୦୭ ପ୍ରତିଶତ ଭୋଟ ଦେଇଥିବା ହେମଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଣାଇଛନ୍ତି । ଭୋଟ ଗ୍ରହଣ ସମୟରେ ୧୭ଟି କେନ୍ଦ୍ର ସମ୍ବେଦନ ଥିଲେ ସୁଦ୍ଧା କୌଣସି ଅପ୍ରିତିକର ଘଟଣା ଘଟିନାହିଁ ।

### ସୁନ୍ଦରଗଡ଼ ଜିଲାରେ ମତଦାନ ୭୧. ୫୩୨ ପ୍ରତିଶତ

# ଭୋଟଦାନରେ ମହିଳା ଆଗୁଆ

ସୁନ୍ଦରଗଡ଼, ୧୯।୪ (ଡି.ଏନ୍.ଏ.)

**ସୁନ୍ଦରଗଡ଼ ଲୋକ ସଭା ଆସନ**
- ୫୫୧,୦୮୧ଜଣ ମହିଳା ଭୋଟର ମତଦାନ କରିଛନ୍ତି
- ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ମତଦାନ
- ବଣାଇରେ ମତଦାନ ହାର ୭୯.୫୬୯ ପ୍ରତିଶତ ରହିଛି

ସୁନ୍ଦରଗଡ଼ ଜିଲାରେ ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନରେ ମତଦାନ ହାର ଶତକଡା ୭୧.୫୩୨ ରହିଛି। ଜିଲାରେ ଥିବା ସମୁଦାୟ୧୫ଲକ୍ଷ ୨୮ହଜାର ୯୯୭ ଜଣ ଭୋଟରଙ୍କ ମଧ୍ୟରୁ ମୋଟ ୧୦ଲକ୍ଷ ୯୩ ହଜାର ୭୧୫ଜଣ ମତଦାତା ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେଥି ମଧ୍ୟରେ ୫ଲକ୍ଷ ୫୧ହଜାର ୦୮୧ଜଣ ମହିଳା ଭୋଟର ମତଦାନ କରିଥିବା ବେଳେ ୫ଲକ୍ଷ ୪୨ ହଜାର ୬୦୬ଜଣ ପୁରୁଷ ଭୋଟର ମତଦାନ କରିଥିଲେ। ସମୁଦାୟ ଭୋଟରଙ୍କ ମଧ୍ୟରୁ ତଳସରା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ୨୦୬୩୨୬ ଭୋଟରଙ୍କ ମଧ୍ୟରୁ ୧୫୫୮୪୨ଜଣ ମତଦାନ କରିଛନ୍ତି। ଏଠାରେ ମତଦାନ ହାର ୭୫.୫୩୨ ପ୍ରତିଶତ ରହିଛି। ଏଠାରେ ୭୯୯୮୭ଜଣ ମହିଳା ଓ ୭୫୮୫୪ ପୁରୁଷ ଓ ଅନ୍ୟାନ ୧ଜଣ ଭୋଟର ଭୋଟ ଦେଇଛନ୍ତି। ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ସମୁଦାୟ ଭୋଟର ୨୩୧୭୧୩ ଜଣଙ୍କ ମଧ୍ୟରୁ ୧୭୪୩୫୭ ଜଣ ମତଦାନ କରିଛନ୍ତି। ଏଠାରେ ମତଦାନ ହାର ୭୫.୨୪୭ ପ୍ରତିଶତ ରହିଛି। ଏଠାରେ ୮୬୬୫୦ ଜଣ ପୁରୁଷ ଓ ୮୭୭୦୭ ଜଣ ମହିଳା ଭୋଟର ଭୋଟ ଦେଇଛନ୍ତି। ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୩୪୧୩୦ ଭୋଟରଙ୍କ ମଧ୍ୟରୁ ୧୭୬୩୨୦ଜଣ ଭୋଟ ଦେଇଛନ୍ତି। ଏଠାରେ ମତଦାନ ହାର ୭୫.୩୦୯ ପ୍ରତିଶତ ରହିଛି। ଏଠାରେ ୮୭୫୧୩ ଜଣ ପୁରୁଷ ଓ ୮୮୮୦୪ଜଣ ମହିଳା ଓ ଅନ୍ୟାନ୍ୟ ୩ଜଣ ଭୋଟ ଦେଇଛନ୍ତି। ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୭୭୮୭୦ଜଣ ଭୋଟରଙ୍କ ମଧ୍ୟରୁ ୧୦୯୫୯୮ଜଣ ମତଦାନ କରିଛନ୍ତି। ଏଠାରେ ମତଦାନ ହାର ୬୧,୬୧୭ ପ୍ରତିଶତ ରହିଛି। ଏଠାରେ ୫୧୭୪୨ ପୁରୁଷ ୫୭୮୪୫ ମହିଳା ଓ ଅନ୍ୟାନ୍ୟ ୧୧ଜଣ ମତଦାନ କରିଛନ୍ତି। ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୫୯୫୭ ଭୋଟରଙ୍କ ମଧ୍ୟରୁ ମୋଟ ୧୩୦୮୨୭ ଜଣ ମତଦାତା ନିଜର ମତଦାନ କରିଥିଲେ। ଏଠାରେ ମତଦାନ ହାର ୬୩.୫୨୨ ପ୍ରତିଶତ ରହିଛି। ଏଠାରେ ୬୭୨୬୦ ପୁରୁଷ, ୬୩୫୫୪ ମହିଳା ଓ ଅନ୍ୟାନ୍ୟ ୧୩ଜଣ ଭୋଟର ମତଦାନ କରିଛନ୍ତି। ସେହିପରି ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସମୁଦାୟ ୨୫୨୩୪୯ ଜଣ ଭୋଟରଙ୍କ ମଧ୍ୟରୁ ମୋଟ ୧୭୧୨୦୧ଜଣ ଭୋଟ ଦେଇଥିଲେ। ଏଠାରେ ମତଦାନ ହାର ୬୭.୮୪୩ ପ୍ରତିଶତ ରହିଛି। ଏଠାରେ ୮୭୩୮୬ ଜଣ ପୁରୁଷ ଓ ୮୩୮ମହିଳା ଭୋଟର ମତଦାନ କରିଛନ୍ତି। ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲାରେ ସର୍ବାଧିକ ମତଦାନ ହୋଇଥିଲା। ଏଠାରେ ସମୁଦାୟ ୧୦୮୪୮୦ଜଣ ଭୋଟରଙ୍କ ମଧ୍ୟରୁ ମୋଟ ୧୭୫୫୭୦ ଜଣ ମତଦାନ କରିଛନ୍ତି। ଏଠାରେ ମତଦାନ ହାର ୭୯.୫୬୯ ପ୍ରତିଶତ ରହିଛି। ଏଠାରେ ୮୬୨୦୧ ଜଣ ପୁରୁଷ ଓ ୮୯୩୬୯ ଜଣ ମହିଳା ଭୋଟର ମତଦାନ କରିଛନ୍ତି। ଜିଲାରେ ଭୋଟଦାନରେ ମହିଳା ଆଗୁଆ ଥିବା ଜଣାପଡ଼ିଛି।

# ବେଦବ୍ୟାସ, କଲୁଙ୍ଗା କରତକଲ ଛକରେ ପାନୀୟ ଜଳ ସଙ୍କଟ

ବେଦବ୍ୟାସ, ୧୯।୪ (ଡି.ଏନ.ଏ)

ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗରମରେ ସିଝୁଛନ୍ତି ଅଞ୍ଚଳବାସୀ। ଏଭଳି ସ୍ଥିତିରେ ଅନେକ ସ୍ଥାନରେ ପାନୀୟଜଳ ଅଭାବ ପରିସ୍ଥିତି ଦ୍ୱିଗୁଣିତ କରିଛି। ବେଦବ୍ୟାସ, ବେଲଡିହି, କଲୁଙ୍ଗା, ଟିସିଆଇ, କଲୁଙ୍ଗା କରତକଲ ଛକ ଆଦି ବସଷ୍ଟାଣ୍ଡରେ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ସୁବିଧା ହୋଇପାରିନାହିଁ। ପ୍ରତିଦିନ ଶହଶହ ଯାତ୍ରୀ ଏହି ସ୍ଥାନରେ ଗଢ଼ି ଉଠିଥିବା କଳକାରଖାନାକୁ କାମ କରିବା ପାଇଁ ଯାତାୟତ କରନ୍ତି। ବସଷ୍ଟାଣ୍ଡରେ ପାନୀୟଜଳ ସୁବିଧା ନ ଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ବସଷ୍ଟାଣ୍ଡରେ ପଞ୍ଚାୟତ କିମ୍ବା ଜିଲା ପ୍ରଶାସନ ତରଫରୁ ଜଳଛତ୍ର ମଧ ଖୋଲା ଯାଇନାହିଁ। ବସଷ୍ଟାଣ୍ଡରେ ଶୌଚାଳୟ ସୁବିଧା ମଧ କରାଯାଇ ନାହିଁ। ଫଳରେ ଛୋଟ ପିଲାଙ୍କୁ ନେଇ ଘଣ୍ଟା ଘଣ୍ଟା ଧରି ବସକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଦୋକାନ ବନ୍ଦ ରହୁଥିବାରୁ ପାଣି ପାଇବା ପାଇଁ ସମ୍ଭବ ହେଉନାହିଁ। ଅଞ୍ଚଳର ବେଦବ୍ୟାସ, ଟିସିଆଇ କଲୁଙ୍ଗା କରତକଲ ଛକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ଏଠାରେ ସ୍ଥାନୀୟ ବିଭାଗୀୟ କର୍ତ୍ତୃପକ୍ଷ ପାନୀୟଜଳ ବ୍ୟବସ୍ଥା କରି ନ ଥିବାରୁ ଯାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଯୁବନେତା ଇଂ. ଦାଶରଥି କିଷାନ, ପଟେଲ ଲାକ୍ରା, ଆନନ୍ଦ ବେହୁରା, ପିଣ୍ଟୁ ପାଣିଗ୍ରାହୀ, ରମଣ ଝା, ଛବିଳ ପୂଜାରୀ, ସୁକଦେବ ନନହାର, ସୁଧିର ଭଇଁଷା, ଚନ୍ଦ୍ରମଣୀ କିଷାନ, ଶମ୍ଭୁନାଥ ସାହୁ ପ୍ରମୁଖଙ୍କ ତରଫରୁ ଦୃଢ଼ ଦାବି ହେଉଛି ।



ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ସୁନ୍ଦରଗଡ଼ରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ସୁନ୍ଦରଗଡ଼, ୧୯।୪ (ଡି.ଏନ୍.ଏ)

ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ ବିଜୁ ପଟ୍ଟନାୟକଙ୍କ୨୨ତମ ଶ୍ରାଦ୍ଧ ଦିବସ ସୁନ୍ଦରଗଡ ବିଜୁ ଜନତା ଦଳ (ବିଜେଡ଼ି)ତରଫରୁ ପାଳିତ ହୋଇଯାଇଛି। ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଣୀବଗିଚା ବାଇପାସ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ କାଉନସିଲର ବୀଣା ସାହୁ, ଯୁବନେତା ନିର୍ମଳ ବୋଷ, ଅନିଲ ମହାପାତ୍ର, କୁନୁ ବିଶ୍ୱକର୍ମା, ହେମନ୍ତ ମେହେର, ସଞ୍ଜୁ ସାହୁ, ଅନୀଲ ସାହୁ, ଉମେଶ ଶର୍ମାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ଝଡ଼ପବନ ସହ ବର୍ଷା

ସୁନ୍ଦରଗଡ଼, ୧୯।୪ (ଡି.ଏନ୍,ଏ)

ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନରେ ଝଡପବନ ସାଙ୍ଗକୁ ବର୍ଷା ହୋଇଥିଲା। ଫଳରେ ଅଧିକାଂଶ ସ୍ଥାନରେ ବହୁ ଗଛଡ଼ାଳ ଭାଙ୍ଗିପଡ଼ିଛି। ଘରର ଚାଳଛପର, ଆଜବେଷ୍ଟସ ଛାତ ଉଡିଯାଇଛି। ଗଛଡ଼ାଳ ପଡ଼ି ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ପ୍ରଚଣ୍ଡ ଖରା, ଅସହ୍ୟ ଗୁଳୁଗୁଳି ପରେ ବର୍ଷା ଯୋଗୁ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି।

## ବାବା ସାହେବ ଆମ୍ବେଡକର ଜୟନ୍ତୀ

ଟେନ୍ସା, ୧୯।୪ (ଡି.ଏନ.ଏ)

ଟେନ୍ସାରେ ଥିବା ସର୍ବ ସମନ୍ୱୟ ସଂଘ ତରଫରୁ ଦୁଇ ଦିନ ଧରି ଡ. ଭୀମରାଓ ଆମ୍ବେଡକରଙ୍କ ୧୨୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମ ଦିନ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ବରସୁଆ ଲୌହ ଖଣିର ଉପମହାପ୍ରବନ୍ଧକ ତିଲକ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରଶାସନିକ ମୁଖ୍ୟ ଜ୍ୟୋତି ପ୍ରକାଶ ମିଶ୍ର ଓ ଜଗଦିଶ ବେହେରା ଉପସ୍ଥିତ ଥିଲେ। ଆଇଟିଆଇ ଇସ୍ପାତ ବିଦ୍ୟାଳୟ, ଡିଏଭି ବିଦ୍ୟାଳୟ ଛାତ୍ରଙ୍କ ମଧରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨ୟ ଦିନ ଟେନ୍ସା ଇସ୍ପାତ ଷ୍ଟାଡିୟମରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବରସୁଆଁ ଲୌହଖଣିର ମେକାନିକାଲ ଉପମହାପ୍ରବନ୍ଧକ ଆଇ ବରମନ, ମୁଖ୍ୟବକ୍ତା ଭାବେ ବିରେନ ପଣ୍ଡା, ସମ୍ମାନୀୟ ଅତିଥି ଭାବେ ଶିକ୍ଷାବିଭାଗର ରିଜୋନାଲ ନିର୍ଦ୍ଦେଶକ ପ୍ରଫେସର ମିହିର ରଞ୍ଜନ ସେଠୀ, ଯୁପି ରାମ, ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସର୍ବ ସମନ୍ୱୟ ସଂଘର ସମ୍ପାଦକ ଜଗଦିଶ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିମାନେ ଆମ୍ବେଡକରଙ୍କ ଜୀବନୀ ଓ ସମ୍ବିଧାନ ବିଷୟରେ ବିସ୍ତୃତଭାବେ ଅଭିଭାଷଣ ଦେଇଥିଲେ। ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗତ ଗାନ କରିଥିବା ବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରିଥିଲେ । ଶେଷରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ଅନୁଷ୍ଠିତ ହୋଇଥିଲା।

### ବଡ଼ଗାଁ ରାମଲୀଳା ଯାତ୍ରା

# ରାମ, ପର୍ଶୁରାମ ଭେଟ ଅଭିନୀତ

ବଡ଼ଗାଁ, ୧୯।୪ (ଡି.ଏନ.ଏ)



ରାମ ଓ ପର୍ଶୁରାମଙ୍କ ମଧରେ ଭେଟ ହେଉଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ମହୋତ୍ସବର ଷଷ୍ଠ ରଜନୀରେ ରାମ ଓ ପର୍ଶୁରାମଙ୍କ ଭେଟ ମଞ୍ଚସ୍ଥ ହୋଇଥିଲା। ଅଯୋଧ୍ୟା କାଣ୍ଡରେ ଉଲ୍ଲେଖ ଅନୁଯାଇ ଜମ୍ବୁ ଦୀପେ ୨୧ ଥର କ୍ଷତ୍ରୀୟ ଶୂନ୍ୟ କରିଥିବା ବୀରଶ୍ରେଷ୍ଠ ଅବତାରୀ ପୁରୁଷ ପର୍ଶୁରାମଙ୍କ ଭିତରେ ପ୍ରବଳ ଗର୍ବ ଅହମିକା ଜାତ କରାଣରୁ ନିଜକୁ ଅଜେୟବୀର ଭାବେ ଗର୍ବିତ ଥିଲେ। ଶ୍ରୀରାମ ଚନ୍ଦ୍ର ଶିବଧନୁ ଭଗ୍ନ କରି ମିଥିଳାରୁ ସୀତାଙ୍କ ସହ ଫେରିବା ବାଟରେ ପର୍ଶୁରାମଙ୍କ ସହ ଭେଟ ହେବାରୁ ରାମଙ୍କ ବାଟ ଓଗାଳିଥିଲେ । ଉଭୟଙ୍କ ମଧରେ ପ୍ରଥମେ ବାକ ଯୁଦ୍ଧ ଓ ପରେ ଭୀଷଣ ଯୁଦ୍ଧ ହୋଇଥିଲା। ପର୍ଶୁରାମଙ୍କ ଗର୍ବ ଖର୍ବ କରି ଶୌର୍ଯ୍ୟ ପରାକ୍ରମର କଳାହରଣ କରିବା ପରେ ପର୍ଶୁରାମ ଜାଣିପାରିଥିଲେ ଶ୍ରୀରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି, ଅବତାରୀ ପୁରୁଷ। ଦାନବ ରାବଣର ନିଧନ ପାଇଁ ଧରାଧାମରେ ଅବତାର ଗ୍ରହଣ କରିଛନ୍ତି। ସେ ରାମଙ୍କ ଠାରେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା କରିଥିଲେ। ଶ୍ରୀରାମଚନ୍ଦ୍ର କ୍ଷମା ଦେଇ ଅବଶିଷ୍ଟ ଜୀବନ ରାମନାମ ନେଇ ପ୍ରତ୍ୟୁଷରେ ଦାଣ୍ଡରୁ ଭିକ୍ଷା ଗ୍ରହଣ କରି ଜୀବନ ଧାରଣ କରି ମୋକ୍ଷପ୍ରାନ୍ତର ପ୍ରତିଶ୍ରୁତି ନେଇଥିଲେ। ଏହି ବିଷୟବସ୍ତୁ ଉପରେ ଯାତ୍ରାର କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ପର୍ଶୁରାମ, ଶ୍ରବଣ କୁମାର, ରାଜା ଦଶରଥ ଭୂମିକାରେ ଯଥାକ୍ରମେ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଭିକାରୀଚରଣ ସା, କାହ୍ନୁ ପଣ୍ଡା ଅଭିନୟ କରିଥିଲେ ।

# ସରିଲା ମତଦାନ: ହାର୍ ଜିତ୍ ନେଇ ଚର୍ଚ୍ଚା

ଲେଫ୍ରିପଡା,୧୯।୪(ଡି.ଏନ.ଏ)

ଲେଫ୍ରିପଡା ବ୍ଲକର ୧୭ଟି ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସବୁଠି ହାରିବା ଜିତିବା ନେଇ ଚର୍ଚ୍ଚା ଚାଲିଛି। ଜିଲା ପ୍ରଶାସନ ପକ୍ଷରୁ ତଳସରା ନିର୍ବାଚନ ମଣ୍ଡଳୀରେ ଦଶଟି ପଞ୍ଚାୟତରେ ୪୯ ମତଦାନ କେନ୍ଦ୍ର ଏବଂ ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀରେ ୭ ପଞ୍ଚାୟତରେ ୩୨ଟି ମତଦାନ କେନ୍ଦ୍ର ଖୋଲାଯାଇଥିଲା। ନିର୍ବାଚନ ଆୟୋଗଙ୍କ ନିୟମାନୁଯାୟୀ ସକାଳ ସାତରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ମତଦାନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ବେଳେ ମତଦାନରେ ସରପଗଡ ପଞ୍ଚାୟତର ଭେଡିବାହାଲ ମତଦାନ କେନ୍ଦ୍ରରେ ଇଭିଏମ୍ ଖରାପ ହୋଇଥିବାରୁ ପୂର୍ବାହ୍ନ ପ୍ରାୟ ସାଢେ ଦଶଟାରେ ମତଦାନ ଆରମ୍ଭ ହୋଇଥିଲା। ଠିକ ସେହିପରି ଭାବେ ଗିରିଙ୍ଗକେଲା ପଞ୍ଚାୟତର ପଟୁଆଡିହିରେ ସକାଳ ସାଢେ ସାତଟା, ରାଜବାହାଲଠାରେ ସକାଳ ପ୍ରାୟ ଆଠଟାରେ ମତଦାନ ଆରମ୍ଭ ହୋଇଥିଲା। ମତଦାନ କେନ୍ଦ୍ରରେ ଇଭିଏମ୍ ଖରାପ ଯୋଗୁ ପୋଲିଂ ଅଧିକାରୀ ସହ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରି ହୋହାଲ୍ଲା କରିଥିଲେ। ବିଭିନ୍ନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର ଏବଂ ମୋଟର ଭ୍ୟାନ୍‌ର ବ୍ୟବସ୍ଥା ରହି ନଥିବାରୁ ଅନେକ ଭୋଟର ବହୁତ ହଇରାଣ ହୋଇଥିଲେ। ଅନେକ ମତଦାନ କେନ୍ଦ୍ରରେ ମତଦାନ ସମୟରେ ଇଭିଏମ ତୃଟିଯୋଗୁ ଭୋଟର ହଇରାଣ ହୋଇ ଘଣ୍ଟା ଘଣ୍ଟା ଧରି ଠିଆ ହୋଇରହିଥିଲେ। ଅନ୍ୟପକ୍ଷରେ ତଳସରା ନିର୍ବାଚନ ମଣ୍ଡଳର ଦଶଟି ପଞ୍ଚାୟତରୁ ସ୍ଥାନୀୟ ଲେଫ୍ରିପଡାଠାରେ ଦୁଇଟି ଏବଂ ସଦର ନିର୍ବାଚନ ମଣ୍ଡଳୀରେ ଦର୍ଲିପାଲିରେ ଚାରିଗୋଟି ଏବଂ ସର୍ଗିପାଲିରେ ଦୁଇଗୋଟି ପ୍ରଶାସନ ପକ୍ଷରୁ ଆଦର୍ଶ ମତଦାନ କେନ୍ଦ୍ର ଖୋଲାଯାଇଥିଲା।

# ତେଲିଘଣାଠାରେ ସାରହୁଲ ପର୍ବ ମହୋତ୍ସବ

କୁତ୍ରା, ୧୯।୪ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣା ଗ୍ରାମ ଆମ୍ବବଗିଚାଠାରେ ଶୁକ୍ରବାର ଆଦିବାସୀ ଓରାମ ସମାଜର ମହାନ ଗଣପର୍ବ ସାରହୁଲ (ଖାଦ୍ଦି)ଅତି ଧୁମଧାମ ସହିତ ପାଳିତ ହୋଇଯାଇଛି। ସୁନ୍ଦରଗଡ ଜିଲାର ସମସ୍ତ ଡାତା ପାଡହା ଓ ଆତଖା ଗ୍ରାମ୍ୟ ଶାଖା ତରଫରୁ ଏହି ପର୍ବର ପୂଜା ହେଉଥିବା ସରାଇଫୁଲ, ପାଡହା ଝଣ୍ଡା, ନାଗଗଡ ମନ୍ଦର ସହିତ ପାଡହା ଶାଖା ବ୍ୟାନରରେ ହଜାର ହଜାର ସଂଖ୍ୟାରେ ପାଡହା କର୍ମକର୍ତ୍ତା, ବେଲ ଓ ଦେୱାନ ଏହି ଉତ୍ସବରେ ଯୋଗଦେଇଥିଲେ। ସକାଳ ୯ଟାରେ ପାଡହା କର୍ମକର୍ତ୍ତାମାନେ ଏକତ୍ରିତ ହେବା ପରେ ତେଲିଘଣା ଆମ୍ବବଗିଚା ଆଦିବାସୀଙ୍କ ଦ୍ୱାରା ପ୍ରାର୍ଥନା ସଭା ଓ ସାରଦୁଲି ପୂଜା ଅନୁଷ୍ଠିତ ହୋଇଥିଲା । ଏହି ପର୍ବକୁ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମାରେ ପାଳନ କଲା ପରେ ଆଦିବାସୀ ଓରାମ ସମାଜର ଲୋକ କୃଷିକାର୍ଯ୍ୟ ଆରମ୍ଭ କରିଥାନ୍ତି। ଏଣୁ ଏହା ଏକ କୃଷି ଭିତ୍ତିକ ପର୍ବ। ଏହି ପର୍ବର ଆଦିବାସୀମାନେ ପ୍ରକୃତିକୁ ପୂଜା କରିଥାନ୍ତି। ପୂଜକ ପୂଜାର୍ଚ୍ଚନା କଲାପରେ ପାଡହା କର୍ମକର୍ତ୍ତାମାନେ ପୂଜକଙ୍କ ଗୋଡଧରି ମୁଣ୍ଡିଆ ମାରିଲା ପରେ ପୂଜକ ତାଙ୍କୁ ହୋଲି ମଧାଉଥିବା ଦେଖିବାକୁ ମିଳିଥିଲା । ଏହି ପର୍ବ ପାଇଁ ଆୟୋଜନ କରାଯାଇଥିବା ସଭାରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ଓ ଦେୱାନ ପାଦା ପାଡହ ଓଡିଶା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟ ପାଳନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବିକ୍ରମ ମିଞ୍ଜ ଦେୱାନ ତେଲିଘଣା, ରାଜେନ୍ଦ୍ର ମିଞ୍ଜ ଉପ ଦେୱାନ ତେଲିଘଣା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗାନ୍ଦରୁ ବାର୍ଲା, ରାକାମ ଉର୍ବାସ ପାଦା ପାଡହା, ପରାପଲତା ଲାକଡା ଅଧକ୍ଷା କୁତ୍ରା ବ୍ଲକ ବମଲା କୁଜୁର ଉପାଧକ୍ଷା କୁତ୍ରା ବ୍ଲକ, ବସନ୍ତ ଟପ୍ପୋ ସମିତି ମେମ୍ବର କୁନୁମୁରା ଗ୍ରାମ ପଞ୍ଚାୟତ, ବିମଲା ବାର୍ଲା ସରପଞ୍ଚ କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତ, ଅମରେସ ପଣ୍ଡା ବିଜେଡି ଟାଉନ ସଭାପତି ରାଜଗାଙ୍ଗପୁର, ପ୍ରସନ୍ନ ବାଗ ବିଜେଡି କ୍ଲବ ସଭାପତି କୁତ୍ରା, ରାମ କୁଜୁର ବିଜେଡି ବ୍ଲକ ସଭାପତି ରାଜଗାଙ୍ଗପୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉତ୍ସବରେ ବିଭିନ୍ନ ସ୍ଥାନରୁ ଆସିଥିବା ପାଡହା କର୍ମକର୍ତ୍ତାମାନେ ଗୀତରେ ପର୍ବକୁ ଖୁବ ଆନନ୍ଦ ସହିତ ପାଳନ କରିଥିଲେ ।



ଆଦିବାସୀ ଓରାମ ସମାଜର ମହାନ ଗଣପର୍ବ ସାରହୁଲ ପାଳନ କରାଯାଉଛି।

# ମତଦାନ ସମ୍ପର୍କରେ ଜାଣିବାକୁ ବାଧ୍ୟ କରୁଛନ୍ତି ଅଜଣା ଯୁବକ

କୁଆଁରମୁଣ୍ଡା,୧୯।୪ (ଡି.ଏନ.ଏ.)

୨ୟ ପର୍ଯ୍ୟାୟ ମତଦାନ ଶେଷ ହେବାର ୧୨ ଘଣ୍ଟା ନ ପୁରୁଣୁ କେତେକ ଯୁବକ ଲୋକଙ୍କୁ କେଉଁଠି ଭୋଟ ଦେଇଛ ଏକ ଛପା କାଗଜରେ ଚିହ୍ନିତ କରିବାକୁ ବାଧ୍ୟ କରୁଛନ୍ତି। ମାତ୍ର ଲୋକେ ସେମାନଙ୍କୁ ନିଜର ମତଦାନ ସମ୍ପର୍କରେ ନ ଜଣାଇବାକୁ ଚାହୁଁଥିବା ବେଳେ ସେମାନେ ଏନେଇ ବାଧ୍ୟ କରୁଛନ୍ତି। ବିଶେଷକରି ଘରେ ପୁରୁଷମାନେ ନ ଥିବା ବେଳେ ମହିଳାମାନଙ୍କୁ ଏ ନେଇ ଧମକାଉଥିବା ଶୁକ୍ରବାର ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଦେଖିବାକୁ ମିଳିଛି। ୬ଜଣ ଯୁବକ ଶୁକ୍ରବାର ସକାଳ ୧୦ଟାରେ କୁଆଁରମୁଣ୍ଡା ଅଞ୍ଚଳର ଭାଟିଟୋଲି, ଭାଲୁଡୁମେର ବସ୍ତିକୁ ଯାଇ ମହିଳାଙ୍କୁ କେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଲ ସେ ସମ୍ପର୍କରେ ପଚାରିବା ସହ ଉକ୍ତ ଛପା କାଗଜରେ ଚିହ୍ନିତ କରିବାକୁ ବାଧ୍ୟ କରୁଥିଲେ।

କାହାକୁ ଭୋଟ ଦେଇଛୁ ସେ ସମ୍ପର୍କରେ ଆମେ ତୁମକୁ କାହିଁକି ଜଣାଇବୁ ବୋଲି ମହିଳାମାନେ ପ୍ରଶ୍ନ କରିବାରୁ ସେମାନେ ତାହା ନ ଶୁଣି ସେମାନଙ୍କୁ ଜଣାଇବାକୁ ବାଧ୍ୟ କରୁଥିଲେ। ଏହି ଘଟଣା ସମୟରେ କେତେକ ମହିଳା ଘରେ କେହି ପୁରୁଷ ଲୋକ ନ ଥିବାରୁ ସେମାନେ ଡରିଯାଇ ଭୋଟଦାନ ସମ୍ପର୍କରେ ମଧ୍ୟ ଛପା କାଗଜରେ ଚିହ୍ନିତ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି କରିଛି। ମତଦାନ ସମ୍ପର୍କରେ କୌଣସି ବ୍ୟକ୍ତିଙ୍କୁ ପଚାରିବା ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ପୋଲିସ ଏ ଦିଗରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାର ଜରୁରୀ ଆବଶ୍ୟକତା ରହିଛି। ମାତ୍ର ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ ସ୍ଥାନୀୟ ପୋଲିସକୁ ଏ ସମ୍ପର୍କରେ ଖବର ଦିଆଯାଇଥିଲା। କିନ୍ତୁ ସ୍ଥାନୀୟ ଫାଣ୍ଡି ପୋଲିସ ସେମାନଙ୍କୁ ଖୋଜି ପାଇ ନ ଥିଲା ବୋଲି କହିଛି। ଏହି ଘଟଣା ଉପରେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହୋଇଛି।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ

## ସଂକ୍ଷେପରେ



### ହନୁମାନ ଜୟନ୍ତୀ ପାଇଁ କଳସଯାତ୍ରା, ଅଷ୍ଟପ୍ରହର ନାମଯଜ୍ଞ

**କୋକସରା,୧୯।୪(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ ହନୁମାନ ଜୟନ୍ତୀ ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗବଳି ମନ୍ଦିର ଛକଠାରୁ ଏକ ଶୋଭାଯାତ୍ରା ବାହାରି ଲଡୁଗାଁ ସହର ପରିକ୍ରମା ସହ ମନଗଙ୍ଗା ପୋଖରୀରୁ ଶତାଧିକ ମହିଳା କଳସରେ ପବିତ୍ର ଜଳ ଭରିଥିଲେ। ଲଡୁଗାଁ ସହରର ବିଶିଷ୍ଟ ସାମାଜିକ କର୍ମୀ ଗିରିଧାରୀ ଅଗ୍ରୱାଲ ସ୍ୱପତ୍ନିକ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇ ଥିବାବେଳେ ଏହି ଅବସରରେ ଝୁଲନଖୁଣ୍ଟ ଛକ ନିକଟରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜନ କରାଯାଇଥିଲା। ଶୁକ୍ରବାର ସକାଳୁ ବଜରଙ୍ଗବଳି ମନ୍ଦିରରେ ପୂର୍ବ ରୀତିନୀତି ଅନୁସାରେ ମହାସମାରୋହରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଉତ୍ସବକୁ ବିମଳ ଅଗ୍ରୱାଲ, ସତ୍ୟନାରାୟଣ ଚୌଧରୀ, ବନମାଳି ବାଗ, ମୋହନ ଦାସ, ପବନ ଅଗ୍ରୱାଲ, ଗୌତମ ଅଗ୍ରୱାଲ, କମଳ ଅଗ୍ରୱାଲ, ବିଜୟ ଅଗ୍ରୱାଲ, ଜୟ ଅଗ୍ରୱାଲ, ଶ୍ରୀକାନ୍ତ ଶର୍ମା, ନାନକ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ସମିର ପାଢ଼ୀ, ଅମର ଅଗ୍ରୱାଲଙ୍କ ସମେତ ଗ୍ରାମବାସୀ ଆୟୋଜନ କରିଥିଲେ। ପୂଜକ ଭାବେ ଭବାନି ଶଙ୍କର ପାଢ଼ୀ, ବୃନ୍ଦାବନ ପାଢ଼ୀ, ଶୁଶାନ୍ତ ମୁଣ୍ଡ ସମସ୍ତ କାର୍ଯ୍ୟଭାର ତୁଲାଇଥିଲେ। ଅଷ୍ଟପ୍ରହରରେ ହରେକୃଷ୍ଣ ହରେରାମ ଧ୍ୱନୀରେ ଲଡୁଗାଁ ସହର ମୁଖରିତ ହୋଇପଡୁଥିବା ବେଳେ ହନୁମାନ ଜୟନ୍ତୀ ଅବସରରେ ମାରୱାଡ଼ି ଯୁବମଞ୍ଚ ତରଫରୁ ଅନ୍ନଭୋଗ ଓ ବିଶୁଦ୍ଧ ପାନୀୟ ଜଳ ଶ୍ରଦ୍ଧାଳମାନଙ୍କୁ ଯୋଗାଇ ଦିଆଯାଇଛି ।



### ରକ୍ତଦାନ ଶିବିର

**ଭବାନୀପାଟଣା,୧୯।୪ (ଡି.ଏନ.ଏ.)-** ଭବାନୀପାଟଣା ମାରୱାଡି ଯୁବମଞ୍ଚ ଓ ଜାଗୃତି ଶାଖା ତରଫରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ଅଗ୍ରସେନ ଭାବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୪ ୟୁନିଟି ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମାରୱାଡି ଯୁବମଞ୍ଚ ସଭାପତି ତରୁଣ ଅଗ୍ରୱାଲ, ସମ୍ପାଦକ ରାକେଶ ଶର୍ମା, ଉପସଭାପତି ଯୋଗେସ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଅର୍ଜୁନ ବର୍ମା, ରକ୍ତ ସଂଯୋଜକ ବିଭୁତି ଅଗ୍ରୱାଲ, ସୁମନ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ବିଶାଲ ବର୍ମା, ମନିଶ ଶର୍ମା, ସୁମିତ ଜୈନ, ଓମ୍ ଅଗ୍ରୱାଲ ଓ ଅମନ ଅଗ୍ରୱାଲ ସମେତ ଜାଗୃତି ଶାଖାର ରଶ୍ମି ଅଗ୍ରୱାଲ, ଶିଖା ଅଗ୍ରୱାଲ, ମମତା ଅଗ୍ରୱାଲ, ଜ୍ୟୋତି ଅଗ୍ରୱାଲ ପ୍ରମୁଖଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ଶିଳାନ୍ୟାସକୁ ୧୧ବର୍ଷ ବିତିଲା
# ଶୋଚନୀୟ ଅବସ୍ଥାରେ ପ୍ରମୋଦ ଉଦ୍ୟାନ

**କେସିଙ୍ଗା,୧୯।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ୭ନଂ. ୱାର୍ଡସ୍ଥିତ ପ୍ରମୋଦ ଉଦ୍ୟାନ ବା ଶିଶୁ ଉଦ୍ୟାନ ଆଜକୁ ୧୧ ବର୍ଷ ହେଲା ଶୋଚନୀୟ ଅବସ୍ଥାରେ ପଡିରହିଛି। ଏହି ପ୍ରମୋଦ ଉଦ୍ୟାନ ବା ଶିଶୁ ଉଦ୍ୟାନକୁ ତତ୍କାଳୀନ ନଗରପାଳ ରାମଜୀ ମାତଖଣ୍ଡିଆ ୨୦୦୮ ଅଗଷ୍ଟ ୪ରେ ଶିଳାନ୍ୟାସ କରିଥିଲେ। ଏହି ପ୍ରମୋଦ ଉଦ୍ୟାନ ନିର୍ମାଣ ପାଇଁ ପଛୁଆଅଞ୍ଚଳ ବିକାଶ ପାଣ୍ଠିରୁ ୫ ଲକ୍ଷ ବ୍ୟୟ ଅଟକଳରେ ବଡା, ମୁଖ୍ୟଗେଟ, ଗୋଟିଏ କଫି ସେଣ୍ଟର କୋଠରି, ଗୋଟିଏ ଚୌକିଦାର ଗୃହ ଓ ଗୋଟିଏ କାଉଣ୍ଟର ଗୃହ ନିର୍ମାଣ କରାଯାଇଛି । କିନ୍ତୁ ଦୁଃଖର ବିଷୟ ଯେ, ଆଜକୁ ୧୧ ବର୍ଷ ବିତିଯାଇଥିଲେ ସୁଦ୍ଧା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କୌଣସି କାର୍ଯ୍ୟ କରାଯାଇ ନାହିଁ । ଶିଶୁ ଉଦ୍ୟାନ ଭିତରେ ଶିଶୁମାନଙ୍କ ବିଭିନ୍ନ ଦୋଳି ଖେଳ, ବସିବା ପାଇଁ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଜାତୀୟ ରାଜପଥ ୨୬ଠାରୁ ୫ ଫୁଟ ଗଭୀର ହୋଇ ଏହି ପ୍ରମୋଦ ଉଦ୍ୟାନ ରହିଛି । ବର୍ଷା ଋତୁରେ ସହରର



ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଥିବା ପ୍ରମୋଦ ଉଦ୍ୟାନର ଭିତର ଅଂଶ ।

ବର୍ଷାପାଣି ଏହି ପ୍ରମୋଦ ଉଦ୍ୟାନରେ ଭର୍ତ୍ତି ହୋଇଯାଇଥାଏ । କଳାହାଣ୍ଡି ଜିଲାର ମୁଖ୍ୟ ଦ୍ୱାରଦେଶ ବୋଲି କେସିଙ୍ଗା ସହରକୁ କୁହାଯାଉଥିଲେ ସୁଦ୍ଧା ଏଠାରେ କୌଣସି ପାର୍କ ବା ଶିଶୁ ଉଦ୍ୟାନ ବା ପ୍ରମୋଦ ଉଦ୍ୟାନ ଗୋଟିଏବି ନାହିଁ। ସହରର ଅବାଳବୃଦ୍ଧ, ଛୁଆ, ସ୍କୁଲ, କଲେଜର ଛାତ୍ରୀଛାତ୍ରମାନେ କେସିଙ୍ଗା ସହର ମଧ୍ୟରେ କୌଣସି ଉଦ୍ୟାନ ନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ଉଦ୍ୟାନକୁ ନିର୍ମାଣ କରିବା ପାଇଁ ତତ୍କାଳୀନ ନଗରପାଳ ରାମଜୀ ମାତଖଣ୍ଡିଆ ବହୁ ଉଦ୍ୟାନ କରି ପଛୁଆଅଞ୍ଚଳ ବିକାଶ ପାଣ୍ଠିରୁ ୫ ଲକ୍ଷ ମଞ୍ଜୁର କରାଇଥିଲେ। କିନ୍ତୁ ଆଜକୁ ୧୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଏନଏସି ପକ୍ଷରୁ ଏହି ପ୍ରମୋଦ ଉଦ୍ୟାନ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ତତ୍କାଳୀନ ନଗରପାଳ ରାମଜୀ ମାତଖଣ୍ଡିଆ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ପ୍ରମୋଦ ଉଦ୍ୟାନ ଅଧାପନ୍ତରିଆ ଭାବେ ପଡିରହିଥିବାରୁ କେସିଙ୍ଗା ସହରର ଅସାମାଜିକବ୍ୟକ୍ତିମାନେ ଏଠାରେ ମଦ୍ୟପାନ କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ପ୍ରମୋଦ ଉଦ୍ୟାନକୁ ପୁର୍ନନିର୍ମାଣ କରାଗଲେ ସହରବାସୀ

**କେସିଙ୍ଗା ଏନଏସି**
- ସହରର ବର୍ଷାପାଣି ଉଦ୍ୟାନରେ ପଶିଯାଏ

ତଥା ଯୁବପିଢ଼ୀ, ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ। ପୂର୍ବତନ ନଗରପାଳ ରାମଜୀ ମାତଖଣ୍ଡିଆ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଥିବା ପ୍ରମୋଦ ଉଦ୍ୟାନକୁ ଶୁକ୍ରବାର ପରିଦର୍ଶନ କରି କ୍ଷୋଭପ୍ରକାଶ କରିବା ସହିତ ଦୁଃଖ ପ୍ରକାଶ କରିଥିଲେ । ଏ ସଂକ୍ରାନ୍ତରେ ପୂର୍ବତନ ନଗରପାଳଙ୍କୁ ପଚାରିବାରୁ ମୁଁ ନଗରପାଳ ଥିବା ସମୟରେ ବହୁ କଷ୍ଟକରି ପଛୁଆଅଞ୍ଚଳ ବିକାଶ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଇଥିଲି ଏବଂ ଏହି ପ୍ରମୋଦ ଉଦ୍ୟାନର କାମରେ ବିନିଯୋଗ କରାଇଥିଲି ବୋଲି ପ୍ରକାଶ କରିଥିଲେ। ଏ ନେଇ କେସିଙ୍ଗା ଏନଏସିର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚାରିବାରୁ ମୁଁ ୧୧ ବର୍ଷ ତଳର କଥା ଜାଣିନାହିଁ । ମୁଁ ଏହାର ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ ।



ବିହନ ବ୍ୟାଙ୍କ ପରିଚାଳନା ବିଷୟରେ ତାଲିମ ଦାତା ତାଲିମ ଦେଉଛନ୍ତି।

# ବିହନ ପାଣ୍ଠି ପରିଚାଳନା ସମ୍ପର୍କିତ ତାଲିମ ଶିବିର

**କର୍ଲାମୁଣ୍ଡା,୧୯।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲଶ କର୍ଲାମୁଣ୍ଡା ବ୍ଲକ ଅଗାଧୁପୁରଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି (ଆଇଜିଏସଏସଏସ) ପକ୍ଷରୁ ବିହନ ପାଣ୍ଠି ପରିଚାଳନା ସମ୍ପର୍କିତ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥା ପକ୍ଷରୁ ବ୍ଲକର ଧଅଁରାଖମନ, ଅଗାଧୁପୁର, ବିଜାପାଟିଠାରେ ନିର୍ମାଣ ହୋଇଥିବା ବିହନ ବ୍ୟାଙ୍କର ପରିଚାଳନା ଓ ବିହନ ବ୍ୟାଙ୍କ ଜରିଆରେ ମହିଳା ଯୁବଚାଷୀମାନେ ବିହନ ସମ୍ପର୍କରେ ଜ୍ଞାନ ଆହରଣ, ଉପଯୁକ୍ତ ସମୟରେ ବିହନ ଚାଷୀଙ୍କୁ ମିଳିପାରିବ, ଚାଷୀଙ୍କ ମଧ୍ୟରେ ଜ୍ଞାନ କୌଶଳର ଆଦାନ ପ୍ରଦାନ, ପାରମ୍ପାରିକ ବିହନ ସୁରକ୍ଷା, ବିହନ ଉତ୍ପାଦନ ଜରିଆରେ ଅର୍ଥ ରୋଜଗାର ହେବା ବିହନ ବ୍ୟାଙ୍କର ମୂଳ ଲକ୍ଷ୍ୟ ବୋଲି ସଂସ୍ଥା କର୍ମୀ ପ୍ରଦୀପ ସାହୁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟକୃଷି କର୍ମୀ ଧର୍ମେନ୍ଦ୍ର ଶବର, ଗ୍ରାମ ରୋଜଗାର ସେବକ ଶିବ କୁମାର ଭୋଇ, କୃଷକ ସାଥି ବାଲମିକ ଛତ୍ରିଆ, ସାମନ୍ତ ଦୀପ ଓ ଅଗାଧୁପୁର, ବିଜାପାଟି, ବଟୀକୂପା, କେର୍ଣ୍ଡାପଲା ଗାଁର ଚାଷୀମାନେ ଯୋଗଦେଇଥିଲେ।



ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ମୋରମ ବଦଳରେ ମାଟି ପକାଯାଇଛି।

# ମୋରମ ବଦଳରେ ପଡୁଛି ମାଟି

**କର୍ଲାମୁଣ୍ଡା,୧୯।୪ (ଡି.ଏନ.ଏ.)**

**ରାସ୍ତା ପ୍ରଶସ୍ତିକରଣ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜାଠାରେ କର୍ଲାମୁଣ୍ଡା ବ୍ଲକ ସଦର ରିଞ୍ଜା ଛକଠାରୁ ଟକାରୁମାଳଛକ ଯାଏଁ ୪ କି.ମି. ରାସ୍ତା ପ୍ରାୟ ୫ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିଲା। ତେବେ ବର୍ତ୍ତମାନ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜଣେ ଠିକାଦାରଙ୍କ ଦ୍ୱାରା ରାସ୍ତାପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏଥିରେ ଟକାରୁମାଲ ଛକଠାରୁ ରିଞ୍ଜା ବସ୍ତି ଯାଏଁ ମୋରମ ପକାଯାଇଛି । କିନ୍ତୁ କର୍ଲାମୁଣ୍ଡା ରିଞ୍ଜା ଛକଠାରୁ ରିଞ୍ଜା ଜାନିପଡା ପର୍ଯ୍ୟନ୍ତ ହେଉଥିବା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟରେ ମୋରମ ପରିବର୍ତ୍ତେ ଅଧିକାଂଶ ସ୍ଥାନରେ ମୋରମ ମିଶା ମାଟି ବ୍ୟବହାର କରାଯାଇଛି। ଫଳରେ ବର୍ଷାଦିନେ ଏହି ରାସ୍ତା କାଦୁଅ ହେବାର ସମ୍ଭାବନା ରହିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ସୁଦ୍ଧା ଫୋନ ଗ୍ରହଣ କରୁ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କଳାହାଣ୍ଡି ବସ୍ ମାଲିକ ସଂଘର ଶୋକସଭା

**ଭବାନୀପାଟଣା,୧୯।୪ (ଡି.ଏନ.ଏ.)**

ଓଡିଶା ଘରୋଇ ବସମାଲିକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଅକାଳ ବିୟୋଗରେ କଳାହାଣ୍ଡି ବସ ମାଲିକ ସଂଘ ତରଫରୁ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟରେ ଗୁରୁବାର ଜିଲା ଘରୋଇ ବସ ମାଲିକ ସଂଘ ତରଫରୁ ଅନୁଷ୍ଠିତ ଶୋକସଭାରେ ସଂଘ ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ପଣ୍ଡା (ଝୁନୁ), କୋଷାଧ୍ୟକ୍ଷ ମାନସ ଦାଶ, କାର୍ଯ୍ୟକାରୀ ସଦସ୍ୟ ପ୍ରବୀଣ ଖମାରୀ, ଉପସଭାପତି ସତ୍ୟ ନାରାୟଣ ରଥ ଓ ନରେଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ମୋହିତ କୁମାର ଦାସ, ବିଜୟ ପାଣିଗ୍ରାହୀ, କାର୍ଯ୍ୟକାରୀ ସଦସ୍ୟ କାଶିନାଥ ହୋତା, ଯାମିନ ମାଝି, ବିଶ୍ୱରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ଘରୋଇ ବସ ମାଲିକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ୍ ପ୍ରାର୍ଥନା କରିଥିଲେ ।

# ଜୁନାଗଡ଼ ଓକିଲ ସଂଘର ବୈଠକ

**ଜୁନାଗଡ,୧୯।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଜେଏମ୍ଏଫସି କୋର୍ଟ ପରିସରରେ ଶୁକ୍ରବାର ଜୁନାଗଡ ଓକିଲ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଓକିଲ ସଂଘର ସଭାପତି ସୁଧାଂଶୁ ଶେଖର ବରାଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ମଦନ ମୋହନ ସାହୁ, ସୁରେଶ ଚନ୍ଦ୍ର ପଣ୍ଡା, ବାଳକୃଷ୍ଣ ଆଚାରୀ, ହିମାଂଶୁ ଶେଖର ବରାଡ, ଶିଶିର ପଟ୍ଟନାୟକ, ସ୍ୱରୁପ ମହାପାତ୍ର ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ଦିଗ ଉପରେ ଉଦ୍‌ବୋଧନ ଦେଇଥିଲେ। ଜୁନାଗଡ ଓକିଲ ସଂଘକୁ ଭାଗକରି ହୀନ ପ୍ରୟାସ କରିଥିବା ବ୍ୟକ୍ତିମାନଙ୍କୁ ୭ ଦିନ ଭିତରେ କୈଫୟତ ତଲବ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସର୍ବସମ୍ମତି କ୍ରମେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସିଭିଲ କୋର୍ଟ ଶୀଘ୍ର ସ୍ଥାପନ ପାଇଁ ପ୍ରୟାସ କରିବାକୁ ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମେଶ ଚନ୍ଦ୍ର ନାଏକ, ଉପସଭାପତି କୈଳାସ ଚନ୍ଦ୍ର ଚୌଧୁରୀ, କୋଷାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ବିଶ୍ୱନାଥ କର, ଜୟଦେବ ସୁନାନୀ, ଫିରୋଜ ବାରିକ, ନରେନ୍ଦ୍ର କ୍ଷିତୀ, ଜିତେନ୍ଦ୍ର ମେହେର, ସୁଜିତ ସାହୁ, ପ୍ରଦ୍ୟୁମ୍ନ ରାଉତ, ମମତା ବାରିଙ୍କ ସହ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜୁନାଗଡ ଓକିଲ ସଂଘ ସଦସ୍ୟ ।

# ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ୩ ଦିନର ଡିଏ ପ୍ରଦାନ ଦାବି

**ଭବାନୀପାଟଣା,୧୯।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲର ଗତ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଛି । ଏହି ନିର୍ବାଚନ ପରିଚାଳନା କରିବା ନିମନ୍ତେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାରେ ଅନିୟମିତତା ହୋଇଥିବା ଏବଂ ବ୍ୟବସ୍ଥାଗତ ତ୍ରୁଟି ଦର୍ଶାଇ ଓଡିଶା ରାଜ୍ୟ ଅଣଗେଜେଟେଡ୍ ଅଧିକାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖା ତରଫରୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏଥି ନିମନ୍ତେ ଦାୟି ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ବ୍ୟକ୍ତିଗତ ସ୍ୱାର୍ଥ ରଖି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜ ମନ ଇଚ୍ଛା ଅଧିକାରୀ ଓ କର୍ମଚାରୀମାନଙ୍କୁ ନିୟୋଜିତ କରିଛନ୍ତି । ଅଧିକ ଗ୍ରେଡ୍ ପେ ପାଉଥିବା କର୍ମଚାରୀମାନଙ୍କୁ ପ୍ରଥମ କିମ୍ବା ଦ୍ୱିତୀୟ ପୋଲିଂ ଅଧିକାରୀ ଭାବେ ନିୟୋଜିତ କରିଥିବା ବେଳେ ସେମାନଙ୍କଠାରୁ ଅପେକ୍ଷାକୃତ କମ୍ ଗ୍ରେଡ ପେ ପାଉଥିବା କର୍ମଚାରୀମାନଙ୍କୁ ପ୍ରିଜାଇର୍ଡିଂ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା । ଯାହା କର୍ମଚାରୀ ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ କାରଣ ହୋଇଛି । ସେହିପରି ବାନ୍ଦୋପଲାଠାରେ ଥିବା ନିର୍ବାଚନ ସମ୍ବନ୍ଧୀୟ ଉପକରଣ ବିତରଣ କେନ୍ଦ୍ରଠାରେ ବ୍ୟାପକ ଅବ୍ୟବସ୍ଥା ହୋଇଛି । ସକାଳ ୭ଟା ସୁଦ୍ଧା ନିର୍ବାଚନରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ରିପୋର୍ଟ କରିବା ନିମନ୍ତେ ନିର୍ଦ୍ଦେଶ ମୁତାବକ ପହଞ୍ଚିବା ସତ୍ତ୍ୱେ ଦିନ ଗୋଟାଏ ପର୍ଯ୍ୟନ୍ତ ନିର୍ବାଚନ ଉପକରଣ ପ୍ରଦାନ କରାଗଲା ନାହିଁ । ସେହିପରି ନିର୍ବାଚନ ସମ୍ପର୍କରେ ଚାରି ଥର ତାଲିମ ହୋଇଥିଲେ ହେଁ ଏ ସମ୍ବନ୍ଧରେ କର୍ମଚାରୀମାନଙ୍କୁ ଡିଏ ପ୍ରଦାନ କରାଯାଇ ନାହିଁ । ଏପରିକି ନିର୍ବାଚନ ମତଦାନ ସରିବା ପରେ ପୋଲିଂ ପାର୍ଟି ନିର୍ବାଚନ ଉପକରଣ ଧରି ଇଞ୍ଜିନିୟରିଂ କଲେଜଠାରେ ଦାଖଲ କରିବା ସମୟରେ ମଧ୍ୟ ବ୍ୟାପକ ଅବ୍ୟବସ୍ଥା ହୋଇଥିଲା । ଏହି ସବୁ ଦିଗପ୍ରତି ଦୃଷ୍ଟି ଦେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ତିନି ଦିନର ଡିଏ ପ୍ରଦାନ କରିବା ନିମନ୍ତେ ରାଜ୍ୟ ଅଣଗେଜେଟେଡ୍ ସଂଘ କଳାହାଣ୍ଡି ଶାଖା ତରଫରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ

**ମଦନପୁର,୧୯।୪ (ଡି.ଏନ.ଏ.)**

ମ.ରାମପୁର ବ୍ଲକ ଅଲାତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଜଗନ୍ନାଥ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରଘୁନାଥ ବେହେରା ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମ.ରାମପୁର, ମୁଖ୍ୟବକ୍ତା ଭାବେ ଆଇନ୍‌ଜୀବୀ ଅଶ୍ୱିନ କୁମାର ପଣ୍ଡା, ସମ୍ମାନିତ ଅତିଥି ପୂର୍ବତନ ସ୍କୁଲ ଏସ୍ଆଇ ଘନଶ୍ୟାମ ବର୍ଗତ୍ତି, ପୀତାମ୍ବର ନାଗ ଓ ସହଦେବ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ବେଣୁଧର କୁମାର ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ପୂରାତନ କୃତିତ୍ୱ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସହକାରୀ ଶିକ୍ଷକ ସହଦେବ ସାହୁ ପରିଚାଳନା କରିଥିବା ବେଳେ ସାଗରପାଲି ସିଆର୍‌ସି ବାବାଜି ରାଉତ ଓ ମଦନପୁର ସିଆର୍‌ସି ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବନବାସୀମାନଙ୍କୁ ଜଙ୍ଗଲ ଯୋଗାଉଛି ଆହାର

**ଭବାନୀପାଟଣା,୧୯।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ବର୍ଷା ଋତୁରେ ଅଧିକାଂଶ ପରିବାର ଧାନ ଚାଷ ଉପରେ ନିର୍ଭର କରୁଥିବା ବେଳେ ଖରାଦିନେ ଜିଲାର ବିଭିନ୍ନ ଅଞ୍ଚଳବାସୀ କେନ୍ଦୁପତ୍ର ସମେତ ବହୁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଛନ୍ତି। ତେବେ ଏତେ ସବୁ ଜିନିଷ ମଧ୍ୟରୁ କେନ୍ଦୁପତ୍ର ଏକ ମୁଖ୍ୟ ଜଙ୍ଗଲଜାତ ଦ୍ରବ୍ୟ । କେନ୍ଦୁପତ୍ର ସଂଗ୍ରହ ଦ୍ୱାରା ପ୍ରତ୍ୟେକ ଆଦିବାସୀ ପରିବାରର ବାର୍ଷିକ ଆୟ ପ୍ରାୟ ୫୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ହୋଇଥାଏ। ବର୍ତ୍ତମାନ ଜିଲାର ବହୁ ଅଞ୍ଚଳରେ ଛୋଟ ପିଲାଠାରୁ ସମସ୍ତ ବର୍ଗର ମହିଳା ଓ ପୁରୁଷ କେନ୍ଦୁପତ୍ର ତୋଳିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। କେନ୍ଦୁପତ୍ର ଏବେ ଆଦିବାସୀ ଲୋକମାନଙ୍କ ଭାଗ୍ୟ ବଦଳାଇ ଦେଇଛି। ଗତ କିଛି ବର୍ଷ ତଳେ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ ବହୁ କମ ରହିଥିଲା। ମହୁଲର ଦର କିଗ୍ରା ପିଛା ୧୦ ଟଙ୍କା, ତେନ୍ତୁଳିର ଦର କିଗ୍ରା ପିଛା ୧୦ ରୁ ୧୫ ଟଙ୍କା, ଟୋଳର ଦର କିଗ୍ରା ପିଛା ୧୦ ରୁ ୧୫ ଟଙ୍କା ରହିଥିବା ବେଳେ କେନ୍ଦୁପତ୍ର ଗୋଟିଏ ବିଡା ପିଛା



ଜମା ହୋଇ ରହିଥିବା କେନ୍ଦୁପତ୍ର ଗୋଛା।

୨୦ ପଇସା ରହିଥିଲା। ବର୍ତ୍ତମାନ ମୂଲ୍ୟ ବର୍ଦ୍ଧିତ ହୋଇ ମହୁଲ ଓ ତେନ୍ତୁଳି କିଗ୍ରା ପିଛା ୩୦ ଟଙ୍କା ଏବଂ କେନ୍ଦୁପତ୍ର ପ୍ରତି ବିଡା ମୂଲ୍ୟ ବୃଦ୍ଧି ହୋଇ ୪ ଟଙ୍କା ଦର ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ କେନ୍ଦୁପତ୍ରର ଦର ଆହୁରି ଅଧିକ ରଖାଯାଇଥିବା ବେଳେ ନିର୍ବାଚନ ପାଇଁ ବର୍ତ୍ତମାନ ସୁଦ୍ଧା ଏହାର ଦର ଘୋଷଣା କରାଯାଇନାହିଁ। ଏବେ ଖରାଦିନେ କେନ୍ଦୁପତ୍ର ସଂଗ୍ରହ ନିମନ୍ତେ ଜିଲାର ସମସ୍ତ ଅଞ୍ଚଳରେ ଆଦିବାସୀ ଓ ଅଣଆଦିବାସୀ ପରିବାର ବ୍ୟସ୍ତ ରହୁଛନ୍ତି । ଧାନ ଓ ପନିପରିବା ଚାଷ ନିମନ୍ତେ କଠୋର ପରିଶ୍ରମ ସହ ମାଲିକ ଓ ବିଭିନ୍ନ ବ୍ୟାଙ୍କରୁ ଧାର କରଜ ଓ ଋଣ ଆଣି ଅଧିକାଂଶ ଚାଷ କରନ୍ତି। ତେବେ ସାର ଓ ବିହନ ତଥା ଔଷଧର ମୂଲ୍ୟ ଅତ୍ୟଧିକ ଥିବା ଯୋଗୁ ଅଧିକାଂଶ ଚାଷୀ ଚାଷ କାମରେ ଲାଭବାନ ହୋଇ ପାରୁ ନ ଥିବା ବେଳେ କେନ୍ଦୁପତ୍ର ଏବେ ଚାଷୀଙ୍କ ପାଇଁ ଲାଭଦାୟକ ହୋଇଛି। ବର୍ତ୍ତମାନ କେନ୍ଦୁପତ୍ରର ଦର ମୂଲ୍ୟ ବୃଦ୍ଧି ହୋଇଥିବା ଯୋଗୁ ଚାଷ କାର୍ଯ୍ୟ ଅପେକ୍ଷା ଏହି କାମରେ ଅଧିକରୁ ଅଧିକ ଲୋକ ନିୟୋଜିତ ରହିଥିବା ଜଣାପଡିଛି। ଜିଲା କେନ୍ଦୁପତ୍ର ବିଭାଗ ତରଫରୁ କେନ୍ଦୁପତ୍ର କିଣିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ କେତେକ ଘରୋଇ କମ୍ପାନୀ ଆସି କେନ୍ଦୁପତ୍ର କିଣିଥିବାରୁ ଲୋକମାନେ ଅତି ସହଜରେ ବିକ୍ରି କରି ବେଶ୍ ଲାଭବାନ ହୋଇ ପାରୁଛନ୍ତି। ଅନ୍ୟ ଦିଗରେ କିଛି ଲୋକେ ତାଳ ସଜ, ଚାହାର, କେନ୍ଦୁ, ବହଳ କଢ, କୁଲେର ସାଗ, ଖଜୁରି ଭଳି ବିଭିନ୍ନ ପ୍ରକାର ଫଳ, ସାଗ ଆଣି ବଜାରରେ ବିକ୍ରି କରି ସେଥିରୁ ମଧ୍ୟ ଅନେକ ପଇସା ରୋଜଗାର କରୁଥିବା ବେଳେ କିଛି ଆଦିବାସୀ ପରିବାର ତାଳ ଗଛ ଓ ଖଜୁରୀ ଗଛରୁ ତାଡି ସଂଗ୍ରହ କରି ସେଥିରୁ ମଧ୍ୟ ଜୀବିକା ନିର୍ବାହ କରୁଛନ୍ତି।

## ବିଭିନ୍ନ ସମସ୍ୟା ସମାଧାନ କରିବା ଦାବି
# ଅତିରିକ୍ତ ଜିଲାପାଳଙ୍କଠାରେ ଓକିଲ ସଂଘ ଫେରାଦ

**ଜୁନାଗଡ,୧୯।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ତହସିଲରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଶୁକ୍ରବାର ଜୁନାଗଡ ଓକିଲ ସଂଘ ପକ୍ଷରୁ କଳାହାଣ୍ଡି ଅତିରିକ୍ତ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଜୁନାଗଡ ତହସିଲକୁ ଅତିରିକ୍ତ ଜିଲାପାଳ ବାର୍ଷିକ ତଦାରଖ କରିବାକୁ ଆସିଥିବା ସମୟରେ ସେମାନେ ଫେରାଦ ହେବା ସହ ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ଏହି ଦାବିଗୁଡିକ ମଧ୍ୟରେ ୨୦୧୮ରୁ ଅଦ୍ୟାବଧି ସ୍ଥଗିତ ଦାଖଲ ଖାରଜ ମାମଲାର ଶୀଘ୍ର ଫଇସଲା ସହ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ, ତହିସଲ କାର୍ଯ୍ୟାଳୟରେ ହେଲ୍ପ ଡେସ୍କର ଶୀଘ୍ର ଆରମ୍ଭ, ଭୂଲେଖ ଅପଡେଟ ଶୀଘ୍ର କରିବା, ସବ୍‌ରେଜିଷ୍ଟର ଅଫିସକୁ ସବୁଦିନ କରିବା, ରେକର୍ଡ ରୁମରୁ ରେକର୍ଡ କିପରଙ୍କୁ ତୁରନ୍ତ ଅପସାରଣ କରିବା ସହ ସ୍ଥାନୀୟ କର୍ମଚାରୀଙ୍କୁ ତୁରନ୍ତ ଅନ୍ୟତ୍ରକୁ ବଦଳି କରିବା, ନକ୍ସଲ ସେଟେଲମେଣ୍ଟ କେସ୍‌ର ଶୀଘ୍ର ଫଇସଲା, ଅତିରିକ୍ତ ତହସିଲଦାରଙ୍କୁ ଶୀଘ୍ର ନିର୍ବାଚନ ଦାୟିତ୍ୱରୁ ଅପସାର କରି ତହସିଲ କାର୍ଯ୍ୟରେ ଯୋଗଦାନ ଓ ଚିରିଯାଇଥିବା ରେକର୍ଡକୁ ରିରାଇଟ୍ (ପୁଃନଲିଖନ) କରି ଲୋକଙ୍କୁ ପଟ୍ଟା ପ୍ରଦାନ କରିବା ଆଦି ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ଶରତ ଶ୍ରୀଚନ୍ଦନ ସବରେଜିଷ୍ଟର ଅଫିସକୁ ସବୁଦିନ ବଦଳରେ ସପ୍ତାହକୁ ୨ ଦିନ ଖୋଲିବ ବୋଲି କହିବା ସହ ଅନ୍ୟାନ ଦାବିଗୁଡିକର ମଧ୍ୟ ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସ୍ଥାନୀୟ ତହସିଲଦାର ଉପେନ୍ଦ୍ର ଲୁହା, ଜୁନାଗଡ ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ବରାଡ, ସମ୍ପାଦକ ରମେଶ ଚନ୍ଦ୍ର ନାଏକ, ଉପସଭାପତି କୈଳାସ ଚନ୍ଦ୍ର ଚୌଧୁରୀ, କୋଷାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ମଦନ ମୋହନ ସାହୁ, ସୁରେଶ ଚନ୍ଦ୍ର ପଣ୍ଡା, ବାଳକୃଷ୍ଣ ଆଚାରୀ, ହିମାଂଶୁ ଶେଖର ବରାଡ, ଶିଶିର ପଟ୍ଟନାୟକ, ସ୍ୱରୁପ ମହାପାତ୍ର, ବିଶ୍ୱନାଥ କର, ଅନନ୍ତ ବେହେରା, ଜୟଦେବ ସୁନାନୀ, ଫିରୋଜ ବାରିକ, ନରେନ୍ଦ୍ର କ୍ଷିତୀ, ଜିତେନ୍ଦ୍ର ମେହେର, ସୁଜିତ ସାହୁ, ପ୍ରଦ୍ୟୁମ୍ନ ରାଉତ, ମମତା ବାରିକ, ସତିଶ ପ୍ରଧାନଙ୍କ ସହ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କଠାରେ ଜୁନାଗଡ଼ ଓକିଲ ସଂଘ ଫେରାଦ ହେଉଛନ୍ତି।

**ଜୁନାଗଡ଼ ତହସିଲ**